

ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

32 YEARS

# ସମ୍ବାଦ କଳିକା

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା 8 Pages, ₹2.00

● ବର୍ଷ–୩୩ ● ସଂଖ୍ୟା–୨୪୮ ● ୭ ଅକ୍ଟୋବର ୨୦୨୬ ବୁଧବାର ● ଭୁବନେଶ୍ୱର ● Vol -33 ● Issue-248 ● 7th October 2026, Wednesday ● Bhubaneswar RNI Regd.No. : 52640/94 Postal Regd.No. : BN-60/25-27

### ଶକ୍ତି ଇଞ୍ଜିନ୍‌ର ଦ୍ୱିତୀୟ ମାନୁଫାକଚରିଂ ଲାଇନ୍ ଉଦ୍‌ଘାଟିତ

# ଭାରତର ପ୍ରତିରକ୍ଷା କ୍ଷେତ୍ରରେ ସୁନାବେଡ଼ା ହାଲ୍‌ର ଭୂମିକା ଗୁରୁତ୍ୱପୂର୍ଣ୍ଣ : ରାଜନାଥ ସିଂହ

**ଭୁବନେଶ୍ୱର, ୬।୧୦**
**ନ୍ୟୁଜ୍ ବ୍ୟୁରୋ**

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଙ୍ଗଳବାର କୋରାପୁଟ ଜିଲ୍ଲାର ସୁନାବେଡା ଠାରେ ହାଲ୍ (ଏଚଏଏଲ) ମାନୁଫାକଚରିଂ ୟୁନିଟରେ ଶକ୍ତି ଇଞ୍ଜିନର ଦ୍ୱିତୀୟ ମାନୁଫାକଚରିଂ ଲାଇନ୍ ଉଦ୍‌ଘାଟନ କରିଛନ୍ତି। ଏହା ସହିତ ସୁନାବେଡା ହାଲ୍‌ରେ ନିର୍ମିତ ୨୦୦୦ତମ ଇଞ୍ଜିନକୁ ପ୍ରତୀକାତ୍ମକ ଭାବେ ଭାରତୀୟ ବାୟୁସେନାକୁ ହସ୍ତାନ୍ତର କରିଥିଲେ।

ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ନିଜର ଅଭିଭାଷଣ ରଖି ପ୍ରତିରକ୍ଷାମନ୍ତ୍ରୀ ଶ୍ରୀ ସିଂହ କହିଛନ୍ତି ଯେ, ସେ ନିଜକୁ ଏଠାରେ ଅତିଥି ଭାବେ ନୁହେଁ, ବରଂ ଏହି ହାଲ୍ ପରିବାରର ଜଣେ ସଦସ୍ୟ ଭାବେ ଅନୁଭବ କରୁଛନ୍ତି ।




ସେ କହିଛନ୍ତି ଯେ କୋରାପୁଟର ଏହି କେନ୍ଦ୍ର ଏବଂ ବିଶାଖାପାଟଣାର ଡିଫେନ୍ସ ଓ ନାଭାଲ ଇକୋସିଷ୍ଟମ୍ ମିଶି ପୂର୍ବ ଭାରତ ପାଇଁ ଏକ ନୂଆ ଔଦ୍ୟୋଗିକ ଓ ରଣନୈତିକ ପରିଚୟ ସୃଷ୍ଟି କରିବ। ୧୯୬୪ରୁ ଫ୍ରଣ୍ଟଲାଇନ ବିମାନ ପାଇଁ ଇଞ୍ଜିନ ନିର୍ମାଣ କରିଆସୁଥିବା ହାଲ୍, କୋରାପୁଟକୁ କେବଳ ଏକ ଫ୍ୟାକ୍ଟ୍ରି ନୁହେଁ, ବରଂ ଏରୋସ୍ପେସ ପ୍ରପଲସନ ଇକୋସିଷ୍ଟମର କେନ୍ଦ୍ରବିନ୍ଦୁ ଭାବେ ବିକଶିତ କରିପାରିଛି ।

ସେ ପୁଣି କହିଥିଲେ ଯେ, ଭାରତର ପ୍ରତିରକ୍ଷା କ୍ଷେତ୍ରରେ ଓଡ଼ିଶାର ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ରହିଛି ଏବଂ ଏହାର ଆସ୍ଥା ନିରନ୍ତର ଭାବେ ବୃଦ୍ଧି ପାଉଛି। ଭାରତର ପୂର୍ବ ଉପକୂଳରେ ଅବସ୍ଥିତ ଓଡ଼ିଶା ନିଜର ଭୌଗୋଳିକ ସ୍ଥିତି, ସୁଦୀର୍ଘ ସମୁଦ୍ର ଉପକୂଳ, ବିଭିନ୍ନ ପ୍ରମୁଖ ବନ୍ଦର, ବିପୁଳ ଖଣିଜ ସମ୍ପଦ, ଉନ୍ନତ ଇଞ୍ଜିନିୟରିଂ ଦକ୍ଷତା, ଶିକ୍ଷାଞ୍ଚଳ ଭିତ୍ତିଭୂମି ଏବଂ *(ପୃଷ୍ଠା ୭ରେ)*

# ଫ୍ରାନ୍ସିସ ହାଲଜେନଙ୍କୁ ଫିଜିକ୍ସରେ ନୋବେଲ୍ ପୁରସ୍କାର

**ଷ୍ଟକହୋମ, ୬।୧୦**

ଚଳିତ ବର୍ଷ ପାଇଁ ଫିଜିକ୍ସରେ ନୋବେଲ୍ ପୁରସ୍କାର ବିଶିଷ୍ଟ ପଦାର୍ଥ ବିଜ୍ଞାନୀ ଫ୍ରାନ୍ସିସ ହାଲଜେନଙ୍କୁ ପ୍ରଦାନ କରାଯିବ । ଆଇସ କ୍ୟୁବ୍ ନ୍ୟୁଟ୍ରିନୋ ଅବଜରଭେଟୋରିରେ ତାଙ୍କ ଗବେଷଣା ପାଇଁ ଏହି ପଦାର୍ଥ ବିଜ୍ଞାନୀଙ୍କୁ ଚିଳିତ ବର୍ଷର ନୋବେଲ୍ ପୁରସ୍କାର ପ୍ରଦାନ କରାଯିବ ବୋଲି ଦ ରୟାଲ ସୁଇସ୍ ଏକାଡେମୀ ଅଫ ସାଇନ୍ସ ପକ୍ଷରୁ କୁହାଯାଇଛି। ବେଲଜିୟମ-ଆମେରିକା ବୈଜ୍ଞାନିକ ହାଲଜେନ ୱିସ୍କନସିନ-ମାଡିସନ



ବିଶ୍ୱବିଦ୍ୟାଳୟରେ ପଦାର୍ଥ ବିଜ୍ଞାନ ବିଭାଗର ପ୍ରଫେସର ଅଛନ୍ତି । ଏହା ପୂର୍ବରୁ ସୋମବାର ମେଡିସିନ୍ ପାଇଁ ଚଳିତ ବର୍ଷର ନୋବେଲ ପୁରସ୍କାର ଘୋଷଣା କରାଯାଇସାରିଛି । ଆମେରିକା ବୈଜ୍ଞାନିକ କାର୍ଲ ଡେସେରୋଥ୍, ଜର୍ମାନୀ ବୈଜ୍ଞାନିକ ପିଟର ହେଗେମ୍ୟାନ୍ ଏବଂ ଜର୍ଜ ନାଗେଲ୍ ଯୁଗ୍ମ ଭାବେ ଏହି ପୁରସ୍କାର ପାଇବା ପାଇଁ ମନୋନୀତ ହୋଇଛନ୍ତି । ଡେସେରୋଥ୍ ଷ୍ଟାଣ୍ଡଫୋର୍ଡ ସ୍ଥିତ ହାୱାର୍ଡ ହ୍ୟୁଜେସ ମେଡିକାଲ ଇନଷ୍ଟିଚ୍ୟୁଟରେ ପ୍ରଫେସର ଥିବା ବେଳେ *(ପୃଷ୍ଠା ୭ରେ)*

### ସରକାରର ମୁଖ୍ୟ ଭାବେ ୨୫ ବର୍ଷ ପୂରଣ କଲେ ମୋଦୀ

# କ୍ୟାବିନେଟ ଜଣାଇଲା ଅଭିନନ୍ଦନ

**ନୂଆଦିଲ୍ଲୀ, ୬।୧୦**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୁଜରାଟର ମୁଖ୍ୟମନ୍ତ୍ରୀ ଭାବେ ଏବଂ ପରେ ପ୍ରଧାନମନ୍ତ୍ରୀ ଭାବେ ୨୫ ବର୍ଷ ପୂରଣ କରିବା ଅବସରରେ କେନ୍ଦ୍ର କ୍ୟାବିନେଟ ତାଙ୍କୁ ଅଭିନନ୍ଦନ ଜଣାଇ ଏକ ସଂକଳ୍ପ ପାରିତ କରିଛନ୍ତି। ମୋଦୀ ୭ ଅକ୍ଟୋବର ୨୦୦୧ରୁ ୭ ଅକ୍ଟୋବର ୨୦୨୬ ପର୍ଯ୍ୟନ୍ତ ସରକାରର ମୁଖ୍ୟ ଭାବରେ କ୍ରମାଗତ ୨୫ ବର୍ଷ ପୂରଣ କରିଛନ୍ତି।

ମଙ୍ଗଳବାର ଦିନ ଜାତୀୟ ଗଣମାଧ୍ୟମ



କେନ୍ଦ୍ରରେ ଏକ ସାମ୍ବାଦିକ ସମ୍ମିଳନୀରେ କେନ୍ଦ୍ର ସୂଚନା ଏବଂ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏହି ସୂଚନା ଦେଇଛନ୍ତି। ସେ କହିଥିଲେ ଯେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ୨୫ ବର୍ଷର ସେବା ଭାରତୀୟ ଗଣତନ୍ତ୍ରର ଶକ୍ତି ଏବଂ ଜୀବନ୍ତତାର ପ୍ରମାଣ।

ମନ୍ତ୍ରୀ କହିଥିଲେ ଯେ ଏକ ସାଧାରଣ ପରିବାରରୁ ଆସିଥିବା ଜଣେ ବ୍ୟକ୍ତି, ଯିଏ ଦେଶର ସେବା ପ୍ରତି ସମର୍ପିତ ଏବଂ ଜନସାଧାରଣଙ୍କ ଦ୍ୱାରା ନିରନ୍ତର ସମର୍ଥିତ, ଭାରତୀୟ ଗଣତନ୍ତ୍ରର *(ପୃଷ୍ଠା ୭ରେ)*

## ଏୟାର ମାର୍ଶଲ ଆଶୁତୋଷ ଦୀକ୍ଷିତ ବାୟୁସେନା ମୁଖ୍ୟ



**ନୂଆଦିଲ୍ଲୀ, ୬।୧୦**

ଏୟାର ମାର୍ଶାଲ ଆଶୁତୋଷ ଦୀକ୍ଷିତଙ୍କୁ ଭାରତୀୟ ବାୟୁସେନା (ଆଇଏଏଫ୍)ର ନୂତନ ମୁଖ୍ୟ ନିଯୁକ୍ତ କରାଯାଇଛି। ଆକାଶକୁ ବିଦ୍ଧ କରିଥିବା ସାହସୀ ଯୋଦ୍ଧା ଏବେ ଭାରତର ସର୍ବୋଚ୍ଚ ଆକାଶ ପର୍ଯ୍ୟବେକ୍ଷକର ନେତୃତ୍ୱ ନେବାକୁ ପ୍ରସ୍ତୁତ *(ପୃଷ୍ଠା ୭ରେ)*

### ଛାତ୍ର ସଂସଦ ନିର୍ବାଚନ ଓ ପାର୍ବଣ ଋତୁ ପାଇଁ ପୁଲିସର କଡ଼ା ପ୍ରସ୍ତୁତି

# ଉଚ୍ଚସ୍ତରୀୟ ବୈଠକରେ ଡିଜିପିଙ୍କ ସମୀକ୍ଷା

**କଟକ, ୬।୧୦**
**ନ୍ୟୁଜ୍ ବ୍ୟୁରୋ**

ଆଗାମୀ ଛାତ୍ର ସଂସଦ ନିର୍ବାଚନ, ପାର୍ବଣ ଋତୁରେ ଆଇନଶୃଙ୍ଖଳା ରକ୍ଷା, ମହିଳା ସୁରକ୍ଷା, ସାଇବର ଅପରାଧ ଦମନ ଓ ନିଶା କାରବାର ବିରୋଧରେ ଅଭିଯାନକୁ ଆହୁରି ଜୋରଦାର କରିବା ନେଇ ରାଜ୍ୟ ପୁଲିସ ମୁଖ୍ୟାଳୟରେ ମଙ୍ଗଳବାର ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଡିଜିପି ବିନୟତୋଷ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଭିଡିଓ କନ୍‌ଫରେନ୍ସିଂ ଜରିଆରେ ଏହି ବୈଠକରେ ରାଜ୍ୟର ସମସ୍ତ ରେଞ୍ଜର ଆଇଜି/ଡିଆଇଜି




ଏବଂ ଜିଲ୍ଲାର ଏସ୍‌ପିମାନେ ଯୋଗଦେଇଥିଲେ। ବିଶେଷକରି ଆଗାମୀ ୧୫ ତାରିଖରେ ହେବାକୁ ଥିବା ଛାତ୍ର ସଂସଦ ନିର୍ବାଚନକୁ ଶାନ୍ତିପୂର୍ଣ୍ଣ ଓ ହିଂସାମୁକ୍ତ ଭାବେ ସମ୍ପନ୍ନ କରିବା ଉପରେ ଡିଜିପି ଗୁରୁତ୍ୱାରୋପ କରିଥିଲେ। *(ପୃଷ୍ଠା ୭ରେ)*

### ପଞ୍ଚାୟତ ନିର୍ବାଚନ ନେଇ ରାଜନୈତିକ ଦଳ ପ୍ରତିନିଧିଙ୍କ ସହ ନିର୍ବାଚନ ଆୟୁକ୍ତଙ୍କ ଆଲୋଚନା

# ସ୍ୱଚ୍ଛ, ତ୍ରୁଟିଶୂନ୍ୟ ଭୋଟର ତାଲିକା ପ୍ରସ୍ତୁତ କରିବା ଉପରେ ଗୁରୁତ୍ୱ

**ଭୁବନେଶ୍ୱର, ୬।୧୦**
**ନ୍ୟୁଜ୍ ବ୍ୟୁରୋ**

ରାଜ୍ୟରେ ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନ ପାଇଁ ସ୍ୱଚ୍ଛ, ନିରପେକ୍ଷ ଓ ତ୍ରୁଟିଶୂନ୍ୟ ଭୋଟର ତାଲିକା ପ୍ରସ୍ତୁତି ନିମନ୍ତେ ମଙ୍ଗଳବାର ରାଜ୍ୟ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ଆୟୋଗଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିମାନଙ୍କ ସହ ଏକ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ବୈଠକ ଅନୁଷ୍ଠିତ ହୋଇଯାଇଛି।

ରାଜ୍ୟ ନିର୍ବାଚନ ଆୟୁକ୍ତ ମଧୁସୂଦନ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି



ବୈଠକରେ ବିଭିନ୍ନ ମାନ୍ୟତାପ୍ରାପ୍ତ ରାଜନୈତିକ ଦଳର ପ୍ରତିନିଧିମାନେ ଯୋଗଦେଇ ଆଗାମୀ ନିର୍ବାଚନ ପାଇଁ ଭୋଟର ତାଲିକା ପ୍ରସ୍ତୁତି ସମ୍ପର୍କରେ ନିଜ ନିଜ ମତାମତ ଓ ପରାମର୍ଶ ରଖିଥିଲେ।

ବୈଠକରେ ଆଗାମୀ ୨୬ ତାରିଖରୁ ଆରମ୍ଭ ହେବାକୁ ଥିବା ଘରକୁ ଘର ସର୍ଭେ ସମ୍ପର୍କରେ ରାଜନୈତିକ ଦଳର ପ୍ରତିନିଧିମାନଙ୍କୁ ଅବଗତ କରାଯାଇଥିଲା। ଏହି ସର୍ଭେ ମାଧ୍ୟମରେ *(ପୃଷ୍ଠା ୭ରେ)*

# ୧.୭୯ ଲକ୍ଷ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୯୯.୨୬ କୋଟି ଟଙ୍କା ସୁଧ ଫେରସ୍ତ

**ଭୁବନେଶ୍ୱର, ୬।୧୦**
**ନ୍ୟୁଜ୍ ବ୍ୟୁରୋ**

ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ସେମାନଙ୍କ ଗୋଷ୍ଠୀଭିତ୍ତିକ ସଂଗଠନଗୁଡ଼ିକୁ ଆର୍ଥିକ ଭାବେ ଅଧିକ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ମିଶନ ଶକ୍ତି ବିଭାଗ ପକ୍ଷରୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଏହି ଅବସରରେ ମଙ୍ଗଳବାର ଭୁବନେଶ୍ୱରସ୍ଥିତ ମିଶନ ଶକ୍ତି ଭବନ ଠାରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ କରକମଳରେ ୧,୭୯,୮୦୯ଟି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୯୯.୨୬ କୋଟି ଟଙ୍କାର ସୁଧ ଫେରସ୍ତ କରାଯାଇଛି।

ଏହି କ୍ରମରେ ବିଭିନ୍ନ ଆର୍ଥିକ ସହାୟତା ଯୋଜନା ମାଧ୍ୟମରେ ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ସେମାନଙ୍କ ସଂଘଗୁଡ଼ିକର କ୍ଷମତା ବୃଦ୍ଧି କରାଯାଉଛି। ଏହି ପଦକ୍ଷେପଗୁଡ଼ିକ ମହିଳାମାନଙ୍କ ପାଇଁ ନୂତନ ଜୀବିକା ସୁଯୋଗ ସୃଷ୍ଟି କରିବା ସହ ସେମାନଙ୍କ ଦ୍ୱାରା ପରିଚାଳିତ ଉଦ୍ୟୋଗଗୁଡ଼ିକୁ ଅଧିକ ସକ୍ଷମ ଓ ସୁଦୃଢ଼ କରିବାରେ ସହାୟକ ହେବ। ଏହାଦ୍ୱାରା ରାଜ୍ୟରେ ଅଧିକରୁ ଅଧିକ 'ଲକ୍ଷପତି ଦିଦି' ସୃଷ୍ଟି ହୋଇପାରିବେ ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ମତ ପ୍ରକାଶ କରିଛନ୍ତି। ଏଥିସହିତ, ଓଡ଼ିଶାର ସମାଜ ଓ ଅର୍ଥନୀତିର ବିକାଶରେ ନାରୀଶକ୍ତି ଆଗାମୀ ଦିନରେ ନେତୃତ୍ୱ ନେବେ ବୋଲି ସେ ଦୃଢ଼ ଆଶା ବ୍ୟକ୍ତ କରିଛନ୍ତି। *(ପୃଷ୍ଠା ୭ରେ)*




## ୮ରେ ଇଣ୍ଡିଆ ବ୍ଲକର ଓଡ଼ିଶା ବନ୍ଦ

**ଭୁବନେଶ୍ୱର, ୬।୧୦**
**ନ୍ୟୁଜ୍ ବ୍ୟୁରୋ**

ଆସନ୍ତା ୮ ତାରିଖରେ ଓଡ଼ିଶା ବନ୍ଦକୁ ସଫଳ କରିବା ପାଇଁ ମଙ୍ଗଳବାର ଭୁବନେଶ୍ୱରସ୍ଥିତ କଂଗ୍ରେସ ଭବନଠାରେ ଇଣ୍ଡିଆ ବ୍ଲକର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ବନ୍ଦର ଚୂଡ଼ାନ୍ତ ପ୍ରସ୍ତୁତି, ଜିଲ୍ଲା ଓ ବ୍ଲକ ସ୍ତରରେ ସମନ୍ୱୟ, ବନ୍ଦକୁ ସମ୍ପୂର୍ଣ୍ଣ ଶାନ୍ତିପୂର୍ଣ୍ଣ ଭାବେ ପାଳନ ଏବଂ ସମସ୍ତ ଗଣତାନ୍ତ୍ରିକ ଓ ଧର୍ମନିରପେକ୍ଷ ଶକ୍ତିଙ୍କୁ ସାମିଲ କରିବା ପାଇଁ ଆହ୍ୱାନ ଦିଆଯାଇଛି ।

ବୈଠକରେ କଂଗ୍ରେସ, ସି ପି ଆଇ, ସି ପି ଆଇ (ଏମ୍) ସି ପି ଆଇ(ଏମ୍ ଏଲ)ଲିବରେସନ, ଫରୱାର୍ଡ ବ୍ଲକ,ଏନ୍ ସି ପି (ଶରଦ ପୱାର), *(ପୃଷ୍ଠା ୭ରେ)*

## ଆଜିର ମୁଖ୍ୟ ଖବର

- ମାଲକାନଗିରିରୁ ଛତିଶଗଡ଼ ଯାଉଥିଲା ୨୪୫ କେଜି ଗଞ୍ଜେଇ, ବସ୍ ମାଲିକ ଓ ସହଯୋଗୀ ଗିରଫ, ୧.୭୨ କୋଟି ଟଙ୍କାର ସାମଗ୍ରୀ ଜବତ।
- ଗୁଜରାଟର ଭାବନଗର-ତଲାଜା ରାଜପଥରେ ସଡ଼କ ଦୁର୍ଘଟଣାରେ ୬ ଜଣଙ୍କର ମୃତ୍ୟୁ।
- ମୁଜାଫରନଗରରେ ଏକ ସଡ଼କ ଦୁର୍ଘଟଣାରେ ଚାରି ଜଣଙ୍କର ମୃତ୍ୟୁ, ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ଶୋକ ପ୍ରକାଶ।
- ଭାରତୀୟ ନୌସେନା ପାଇଁ ୬୬୧ କୋଟି ଟଙ୍କାରେ କିଣାଯିବ ବ୍ରହ୍ମୋସ ଫାୟାର କଣ୍ଟ୍ରୋଲ ସିଷ୍ଟମ।

## ଏକାଳ ପଖାଳ



କଲେଜ କ୍ୟାମ୍ପସ ପଡୁଛିଉଠୁଛି
ହେବପରା ନିର୍ବାଚନ
ଛାତ୍ର ନେତାନେତ୍ରୀ ଖୋଜି ବୁଲୁଛନ୍ତି
ସରଗ ମର୍ତ୍ତ୍ୟ ଭୁବନ
ମିଛ ସତ ପ୍ରବଚନ
ତା'ସହ ଟଙ୍କା ଉଡାଉଡି ପୂରା
କିଣା ଭୋଟରଙ୍କ ମନ।

# ଆଶ୍ୱୀନରେ ତାତିର ତାଣ୍ଡବ



**ଭୁବନେଶ୍ୱର, ୬।୧୦**
**ନ୍ୟୁଜ୍ ବ୍ୟୁରୋ**

ଜଳବାୟୁ ପରିବର୍ତ୍ତନର ପ୍ରଭାବ ଗୁରୁତର ଭାବେ ଅନୁଭୂତ ହେଉଛି। ଅକ୍ଟୋବର ମାସରେ ମାର୍ଚ୍ଚ, ଏପ୍ରିଲ ମାସ ଭଳି ଟାଇଁ ଟାଇଁ ଖରା ତାତି । ଦିନର ତାପମାତ୍ରା ଅଶାତୀତ ଭାବେ ବଢି ଚାଲିଛି। ଏହା ଦ୍ୱାରା ସ୍ୱାଭାବିକ ଜୀବନ ଯାତ୍ରା ମଧ୍ୟ ବ୍ୟାହତ ହେଉଛି। ଏଭଳି ପରିସ୍ଥିତି କେବଳ ରାଜଧାନୀ ଭୁବନେଶ୍ୱରରେ ନୁହେଁ କଟକ, ପୁରୀ ଓ ପାରାଦ୍ୱୀପରେ ମଧ୍ୟ ଦେଖାଦେଇଛି।

ଗତ କିଛିଦିନ ହେଲା ଶରତରେ ନିଦାଘ ଭଳି ତାତୁଛି ରାଜ୍ୟ। ଦିନରେ ତାତି, ରାତିରେ ଗୁଳୁଗୁଳି। ଏସବୁ ଭିତରେ ସୋମବାରର ଖରା ତାତି ଭାଙ୍ଗିଛି ଶହେ ବର୍ଷର ରେକର୍ଡ। ସୋମବାର ପୁରୀର ତାପମାତ୍ରା ଥିଲା ୩୬.୬ ଡିଗ୍ରୀ, ଯାହାକି ଅକ୍ଟୋବର ମାସର ୧୩୦ ବର୍ଷର ଇତିହାସରେ ଦ୍ୱିତୀୟ ସର୍ବାଧିକ । ୧୮୯୬ ପରେ ଅକ୍ଟୋବର ମାସରେ ଦ୍ୱିତୀୟ ଥର ପାଇଁ ସୋମବାର ଏଭଳି ତାତିଥିଲା ଶ୍ରୀକ୍ଷେତ୍ରରେ ।

୨୦୨୪ ମସିହାରେ ପ୍ରଥମ ସର୍ବାଧିକ ଭାବେ ଅକ୍ଟୋବରରେ ପୁରୀର ତାତି ରହିଥିଲା ୩୬.୩ ଡିଗ୍ରୀ। ଏବର୍ଷର ସ୍ଥିତିକୁ ଦେଖି ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ଥିତିର ମୁକାବିଲା ପାଇଁ ପ୍ରସ୍ତୁତି ଆରମ୍ଭ *(ପୃଷ୍ଠା ୭ରେ)*

# ସୁପ୍ରିମକୋର୍ଟରେ ୩ ନୂଆ ବିଚାରପତିଙ୍କ ଶପଥ ଗ୍ରହଣ



**ନୂଆଦିଲ୍ଲୀ, ୬।୧୦**

ସୁପ୍ରିମକୋର୍ଟରେ ମଙ୍ଗଳବାର ୩ ନବନିଯୁକ୍ତ ବିଚାରପତି ପଦ ଓ ଗୋପନୀୟତାର ଶପଥ ନେଇଛନ୍ତି । ଭାରତର ମୁଖ୍ୟ ବିଚାରପତି ସୂର୍ଯ୍ୟକାନ୍ତ ସୁପ୍ରିମକୋର୍ଟ ପରିସରରେ ଆୟୋଜିତ ଶପଥ ଗ୍ରହଣ ସମାରୋହରେ ଜଷ୍ଟିସ୍ ସୁନୀତା ଅଗ୍ରୱାଲ, ଜଷ୍ଟିସ୍ ଦେବେନ୍ଦ୍ର କୁମାର ଉପାଧ୍ୟାୟ ଏବଂ ଜଷ୍ଟିସ୍ ଅପରେଶ କୁମାର ସିଂହଙ୍କୁ ଶପଥ ପାଠ *(ପୃଷ୍ଠା ୭ରେ)*

ସମ୍ପାଦକୀୟ
32 YEARS
ସମ୍ବାଦ କଳିକା

# ନ୍ୟୁମୋନିକ୍ ପ୍ଲେଗ ଭାରତ ପାଇଁ କେତେ ବିପଦ ?

ଭୟ ବଢାଇଲା କରୋନାଠାରୁ ହଜାରେ ଗୁଣା ବିପଦଜନକ ଭାଇରସ୍। ନେଇଯିବ କି ପୁଣିଥରେ ଲକ୍ଷ ଲକ୍ଷ ଜୀବନ ? ରୁଷର ସାଇବେରିଆ ଅଞ୍ଚଳରେ ବିପଦଜନକ ନ୍ୟୁମୋନିକ୍ ପ୍ଲେଗ ନାମକ ଏକ ବ୍ୟାକ୍ଟେରିଆ ଏବେ ଲ୍ୟାବ୍‌ରୁ ଲିକ୍ ହେବାର ଖବର ସାରା ଦୁନିଆରେ ଚାଞ୍ଚଲ୍ୟ ଖେଳାଇଛି। ସ୍ଥାନୀୟ ଗଣମାଧ୍ୟମର ରିପୋର୍ଟ ଅନୁସାରେ, ସାଇବେରିଆରେ ଏକ ଲ୍ୟାବରୁ ନ୍ୟୁମୋନିକ୍ ପ୍ଲେଗ୍ ବ୍ୟାକ୍ଟେରିଆ ଲିକ୍ ହେବା ପରେ ଜଣେ ୨୮ ବର୍ଷୀୟା ମହିଳାଙ୍କ ମୃତ୍ୟୁ ହୋଇଛି। ପ୍ରାୟ ୨୦୦ ଜଣଙ୍କୁ କ୍ୱାରେଣ୍ଟାଇନ୍ କରାଯାଇଛି। ଆମେରିକୀୟ ଗଣମାଧ୍ୟମ ସିଏନଏନ ଅନୁଯାୟୀ, ଲ୍ୟାବରୁ ପ୍ଲେଗ୍ ଲିକ୍ ହେବା ଖବର ପରେ ୱାଶିଂଟନ୍ ମଧ୍ୟ ସତର୍କ ରହିଛି। ହ୍ୱାଇଟ୍ ହାଉସ୍ ମଧ୍ୟ ଏହି ବିଷୟରେ ଏକ ବିବୃତ୍ତି ଜାରି କରିଛି। ଏଭଳି ସ୍ଥିତିରେ ପ୍ରଶ୍ନ ଉଠୁଛି ଯେ, ଭାରତକୁ ଏହି ସମୟରେ 'ନ୍ୟୁମୋନିକ୍ ପ୍ଲେଗ୍ 'ବିଷୟରେ ଚିନ୍ତିତ ହେବାର ଆବଶ୍ୟକତା ଅଛି କି ? ରୁଷିଆନ୍ ଲ୍ୟାବରୁ ଏହି କଥିତ ପ୍ଲେଗ୍ ଲିକ୍ ଭାରତକୁ ପ୍ରଭାବିତ କରିପାରିବ କି ? ନିମୋନିକ ପ୍ଲେଗ (Pneumonic plague) ହେଉଛି ୟେରସିନିଆ ପେସ୍ଟିସ (Yersinia pestis) ନାମକ ଜୀବାଣୁ (bacterium) ଦ୍ୱାରା ହେଉଥିବା ଏକ ସାଂଘାତିକ ଏବଂ ଅତି ସଂକ୍ରାମକ ଫୁସଫୁସ ସଂକ୍ରମଣ (lung infectionö ପ୍ଲେଗ ରୋଗର ବିଭିନ୍ନ ପ୍ରକାର ମଧ୍ୟରେ ଏହା ସବୁଠାରୁ ଭୟାନକ ଏବଂ ଏହା ବାୟୁ ମାଧ୍ୟମରେ ଜଣଙ୍କଠାରୁ ଆଉ ଜଣକୁ ବ୍ୟାପିଥାଏ। ଚିକିତ୍ସାରେ ସାମାନ୍ୟ ବିଳମ୍ବ ହେଲେ ଏହା ପ୍ରାଣଘାତୀ ହୋଇପାରେ। ଅନେକ ରିପୋର୍ଟରେ ଏହାକୁ କରୋନାଭାଇରସ୍ ଅପେକ୍ଷା ଅଧିକ ବିପଦଜନକ ବୋଲି କହୁଛନ୍ତି। ଅନ୍ୟପକ୍ଷେ କରୋନା ଭାଇରସ୍ ୨୦୧୯ ଏବଂ ୨୦୨୦ ମସିହାରେ ଚୀନ୍ର ଉହାନ ଲ୍ୟାବରେ ଉତ୍ପତ୍ତି ହୋଇଥିଲା। ଏହି ଭାଇରସ୍ ସାରା ବିଶ୍ୱରେ ଲକ୍ଷ ଲକ୍ଷ ଲୋକଙ୍କ ଜୀବନ ନେଇଛି। 'ଦ ମସ୍କୋ ଟାଇମ୍ସ'ର ସୂଚନା ଅନୁସାରେ, ଯେଉଁ ଯୁବତୀଙ୍କ ମୃତ୍ୟୁ ହୋଇଛି ସେ ସାଇବେରିଆର ସେହି ଲ୍ୟାବ୍ରେ କାମ କରୁଥିଲେ। ସେଠାରେ ନ୍ୟୁମୋନିକ୍ ପ୍ଲେଗ୍କୁ ରିସର୍ଚ୍ଚ କରୁଥିଲେ। କାମ ସମୟରେ ଯୁବତୀଙ୍କ ଦ୍ୱାରା ଲ୍ୟାବ୍ର ଏକ କାଚ ଶିଶି ଭାଙ୍ଗି ଯାଇଥିଲା, ଯାହାପରେ ଯୁବତୀ ଜଣକ ଏହି ବ୍ୟାକ୍ଟେରିଆର ସଂକ୍ରମିତ ହୋଇଥିଲେ। ଯୁବତୀଙ୍କ ସଂସ୍ପର୍ଶରେ ଆସିଥିବା ଲୋକଙ୍କଠାରୁ ୨୦୦ ଜଣଙ୍କୁ ବ୍ୟାପିଯାଇଛି। ଏବେ ସେମାନଙ୍କୁ କ୍ୱାରେଣ୍ଟାଇନ୍ ରଖାଯାଇଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ୨୦୧୯ ରୁ ୨୦୨୪ ପର୍ଯ୍ୟନ୍ତ ପ୍ଲେଗ ଉପରେ ଏକ ରିପୋର୍ଟ ପ୍ରକାଶ କରିଛି। ଏହା ଅନୁଯାୟୀ, ପାଞ୍ଚ ବର୍ଷ ମଧ୍ୟରେ ପ୍ଲେଗର ୪,୦୦୦ ସନ୍ଦେହଜନକ ମାମଲା ରିପୋର୍ଟ ହୋଇଛି। ଅଧିକାଂଶ ମାମଲା ଚୀନ୍ ଏବଂ ମଙ୍ଗୋଲିଆରୁ ଆସିଛି। ରୁଷ କହିଛି ଯେ ମୃତ୍ୟୁବରଣ କରିଥିବା ଯୁବତୀ ମଧ୍ୟ ମଙ୍ଗୋଲିଆରୁ ଆସିଥିଲେ, ଅର୍ଥାତ୍ ତାଙ୍କର ସାଇବେରିଆ ସହିତ କୌଣସି ସମ୍ପର୍କ ନାହିଁ। ଏହା ବ୍ୟତୀତ, ରୁଷ ଏହି ମାମଲାରେ ଜଡିତ ସମସ୍ତ ୨୦୦ ଜଣଙ୍କୁ ସମ୍ପୂର୍ଣ୍ଣ ଭାବରେ କ୍ୱାରେଣ୍ଟାଇନ୍ କରିଛି, ଅର୍ଥାତ୍ ବର୍ତ୍ତମାନ ଏହା ବାହାରେ ବ୍ୟାପିବାର କୌଣସି ଆଶଙ୍କା ନାହିଁ। ପିପୁଲ୍ ଅଫ୍ ବୈକାଲ ଚ୍ୟାନେଲ୍ କହିଛି ଯେ ଇରକୁଟସ୍କରେ ଅତି କମରେ ଚାରି ଜଣ ଲୋକ ସଂକ୍ରମିତ ହୋଇଛନ୍ତି। ତାଙ୍କୁ ୩ ସପ୍ତାହ ପାଇଁ କ୍ୱାରେଣ୍ଟାଇନ୍ ରଖାଯାଇଛି। ରୋଗୀଙ୍କୁ ଭେଟିବା ଉପରେ ବି କଟକଣା ଲଗାଯାଇଛି।



## (ନିରପେକ୍ଷ ଶାସନ ପଦ୍ଧତି)

## ସଦ୍‌ଗୁରୁ ଶ୍ରୀ ଶ୍ରୀ ଶ୍ରୀ ଅଭିରାମ ସରସ୍ୱତୀ

### ରାସ୍ତା

ରାସ୍ତା ଖୋଜୁ ଖୋଜୁ ମୁଁ ହଜିଗଲି ସରଳ ରାସ୍ତାରେ ସରଳ ମାର୍ଗରେ , ସେ ସରଳ ରାସ୍ତାର ଅର୍ଥ ହେଉଛି ବାରାଙ୍ଗୁଳୁ ବାଇର ପଥ, କିନ୍ତୁ ତୁମେମାନେ ମୋତେ ବାହ୍ୟ ଉପରେ ଖୋଜିଲେ ପାଇବ କେମିତି । ହେ ଭକ୍ତ, ତୁମେ ସରଳ ହୋଇଯାଆ ବାହ୍ୟାଡମ୍ବରୁ ନିଜକୁ ମୁକ୍ତ କର । କାରଣ ବାହ୍ୟାଡମ୍ବର ବନ୍ଧନର କାରଣ, ମୁକ୍ତିର ମାର୍ଗ ନୁହେଁ ସେତ ସଇତାନର ମାର୍ଗ, ସଇତାନର ମାର୍ଗ ନୁହେଁ । ମୋତେ ଖୋଜିଲେ ସେଠାରେ ପାଇବ କେମିତି । ମୁଁ ତ ସେଇ ପରମଧନର ବିଭୂତି ମୁଁ ତ ସେଇ ପରମାତ୍ମାର ସମ୍ପତି । ମୁଁ ସେଇ ସମ୍ପତିର ଚାଷୀ । ମୁଁ ସେଠାରେ ଚାଷ କରୁଛି । ମୋତେ ଖୋଜିବା ବୁଝିବା ଏତେ ସହଜ ନୁହେଁ । ମାଟି ଘଟରେ ରହି ମୁଁ ମୋ ମାକୁ ତ ଭୂଲି ପାରିବିନାହିଁ ଗୁରୁଙ୍କୁ ତ ଭୂଲିପାରିବି ନାହିଁ । ଇଶ୍ୱରଙ୍କୁ ତ ଭୂଲି ପାରିବି ନାହିଁ । ତେଣୁ କାହାକଥାରେ ମୋତେ କଣ ମିଳୁଛି । ମୁଁ ତ ରାସ୍ତା ଭୂଲି ପାରିବି ନାହିଁ କି ପଛକୁ ଫେରି ପାରିବି ନାହିଁ ମୁଁ ମୁକ୍ତିର ପଥ ପାଇ ଯୁକ୍ତର ବଣରେ କାହିଁକି ପଶିବି । ଇଶ୍ୱରଯୁକ୍ତ ପ୍ରାପ୍ତି ପାଇଁ ବ୍ୟାକୁଳ ହେବା ହେଉଛି ଅଧପତନର କାରଣ । ତେଣୁ ହେ ଭକ୍ତ ପଥ ଭୂଲନାହିଁ । ଯେତେ କଷ୍ଟ କଷ୍ଟପଡ୍ଡା ଯୀଶୁଖ୍ରୀଷ୍ଟଙ୍କୁ ଲୁହାର କଣ୍ଟା ବାଡେଇ ମାରିଲେ । ସେ କଣ ଅଭିଶାପ ଦେଲେ। କିନ୍ତୁ ତୁମେ ସହସ୍ର ସହସ୍ର ବାକ୍ୟରେ ତୀକ୍ଷ୍ଣଛୁରୀକା ଆଘାତ କଲେ ମୋର କିଛି କ୍ଷତି ହେବନାହିଁ । ସବୁବେଳେ ମୁଁ ହସୁଛି ଏବଂ ହସୁଥିବି କାହିଁକି ନା ତୁମମାନଙ୍କର ଅଜ୍ଞାନତା ହେତୁ ଆଉ ଯେତେବେଳେ ତୁମର ଜ୍ଞାନ ଚକ୍ଷୁ ଫିଟିଯିବ ତୁମେ ଦେଖିବ ସେତେବେଳେ ଭାବିବ ଆମେ କଣ କରୁଥିଲୁ । ସେତେବେଳ ପର୍ଯ୍ୟନ୍ତ ବି ତୁମମାନଙ୍କ ପାଇଁ କ୍ଷମାର ଦ୍ୱାରା ଖୋଲା ରହିଥିବ ଏଥିରେ ତିଳେ ହେଲେ ସନ୍ଦେହ ନାହିଁ । ଏବେବି ସମୟ ଅଛି, ତୁମେ ଯାହା ଭାବୁଛ ତାହା ଏକ ମାୟାର ଆବରଣ ତା ଭିତରୁ ବାହାରି ଆସି ନିଜକୁ ଚିହ୍ନ, ତୁମର ଅନ୍ତର ଆତ୍ମାକୁ ଦେଖ, ତୁମେ କିଏ ? ନଦୀ ଯେତେ ବଢିଲେ ବି ସିନ୍ଧୁର ଏକ ବିନ୍ଦୁ । ଏହାହିଁ ସତ୍ୟ ଅସତ୍ୟକୁ ଉପଲବ୍ଧ କରି, ସତ୍ୟକୁ ମାଳା କରି ଅସତ୍ୟର ସନ୍ଧାନୀ ହୁଅ ନାହିଁ । କୁଚକ୍ରୀ ଠାରୁ ଦୂରେଇ ରୁହ । ମିଠା କଥାରେ ପୁତନାର ବିଷ ରହିଲା ପରି ସେ କଥା ଶୁଣନାହିଁ କାରଣ ତୁମ ଶରୀର ବିଷାକ୍ତ ହୋଇଯିବ ତେଣୁ କଥାରେ ଅଛି–

ବୁଝୁ ନ ବୁଝ ପଢ ଗୀତା
ରୁଚୁ ନ ରୁଚୁ ଖାଅ ପିତା

# ଓଡ଼ିଆ ଲିପି ଓ ଭାଷାର ଅଭ୍ୟୁଦୟରେ ଭୁବନେଶ୍ୱରର ଅବଦାନ (୨)



ଡ. ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ
ମୋ : ୯୩୩୭୧୦୨୫୫୩
Email ID: prafulla1941@gmail.com

ତୋଷାଳିର ଅର୍ଥ ହେଲା ତୋଷ-ତୋଷା-ତୋଷଳ-ତୋଷାଳି ଅର୍ଥାତ୍ Land of Joy ଯାହାକୁ କରୁଣା ଓ ଦୟାର ଦେଶ ବୋଲି କୁହାଯାଇପାରେ। ସେଥିପାଇଁ ତୋଷାଳି ଓ ଧଉଳି ଶବ୍ଦ ଉଭୟ ଉଭୟର ପରିପୂରକ। ପୁଣି ଧଉଳି ପାହାଡ଼ କଡ଼ରେ ବହିଯାଉଛି ଦୟା ନାମରେ ନଦୀ। ଦୟା ଶବ୍ଦ ସଂସ୍କୃତ, ପାଲି ଏବଂ ପ୍ରାକୃତରେ ଥିବାର ଦେଖାଯାଏ। ଅଶୋକଙ୍କ ଶିଳାଲିପିରେ ଦୟା ଶବ୍ଦର ସ୍ଥାନ ମଧ୍ୟ ରହିଛି। ତେଣୁ ଧଉଳିର ପରିବେଶ ବୌଦ୍ଧଧର୍ମ ସମ୍ପର୍କୀୟ ଥିଲା। ଏହାର ନାମକରଣ ସହ ତୋଷାଳି ଏବଂ ଦୟା ରହିଥିବାରୁ ଏପରି କୁହାଯାଇପାରେ। ଅଶୋକଙ୍କର ଶିଳାଲିପି ଥିବା ଅନ୍ୟ ସ୍ଥାନଗୁଡ଼ିକର ଏଭଳି ଐତିହାସିକ ପରିବେଶ ଥିବାର ଆଦୌ ଦେଖାଯାଏ ନାହିଁ।

ଧଉଳିରେ ଥିବା ଅଶୋକଙ୍କ ଶିଳାଲିପିର ଠିକ୍ ଉପର ଭାଗରେ ପ୍ରସ୍ତର ଖୋଦନର ଏକ ହାତୀର ମୂର୍ତ୍ତି ରହିଛି। ସମ୍ରାଟ ଅଶୋକଙ୍କ ରାଜତ୍ୱକାଳରେ ଭାରତର ଅନ୍ୟତ୍ର ଥିବା ଶିଳାଲିପିମାନଙ୍କ ଉପରେ ଏହିଭଳି ଖୋଦିତ ହସ୍ତୀ ମୂର୍ତ୍ତି ଦେଖାଯାଏ ନାହିଁ। ପୁଣି ଧଉଳିର ପାଦଦେଶରେ ରହିଛି ଆଲୋଚ୍ୟ କପିଳେଶ୍ୱର ଜନପଦ। ସମ୍ଭବତଃ ଗୌତମବୁଦ୍ଧଙ୍କର ଜନ୍ମସ୍ଥାନ ଭାବରେ ତାହା ବିଦିତ ଥିବାରୁ ଅଶୋକଙ୍କ ଆଦେଶରେ ଏପରି ଶିଳାଲିପି ସହିତ ହସ୍ତୀର ମୂର୍ତ୍ତି ସେଠାରେ ଖୋଳାଯାଇଛି। ତେଣୁ ଲିଭି ଯାଇଥିବା ପାହାଡ଼ର ନାମ ଧବଳ ପର୍ବତ ହୋଇଥିବା ନିଶ୍ଚିତ କୁହାଯାଇପାରେ। ଯାଜପୁର ଜିଲ୍ଲା ଧର୍ମଶାଳା ଥାନାର ରାଧାନଗର ଦିନେ ତୋଷାଳିନଗର ଥିବାର ସେଠାରୁ ଆବିଷ୍କୃତ ବ୍ରାହ୍ମୀ ଶିଳାଲେଖରୁ ଜଣାପଡ଼େ। ତେଣୁ ଦିନେ ଗୋଟିଏ ନିର୍ଦ୍ଦିଷ୍ଟ ଅଞ୍ଚଳ ତୋଷାଳି ନାମରେ ପରିଚିତ ଥିବା ସହ ପାଲି ଭାଷା ହିଁ ସେଠାର ଥିଲା ପ୍ରଚଳିତ ଭାଷା।

ପୁଣି ସିଂହଳର କୂଳବଂଶ ଇତିହାସରୁ ଜଣାପଡ଼େ ଯେ ସମ୍ରାଟ ଅଶୋକଙ୍କ ମାତାଙ୍କ ନାମ ଥିଲା ଧମ୍ମା ଏବଂ ତାଙ୍କ ପ୍ରପିତାମହୀ ଅର୍ଥାତ୍ ଚନ୍ଦ୍ରଗୁପ୍ତ ମୌର୍ଯ୍ୟଙ୍କ ପ୍ରଥମ ରାଣୀ ଥିଲେ ଦୁର୍ଦ୍ଦୁରା। ଭୁବନେଶ୍ୱର ସନ୍ନିକଟରେ ଧମ୍ମାଲୋ ବା ଧମ୍ମିଲୋ ଏବଂ ଦୁର୍ଦ୍ଦୁରା ନାମରେ ଦୁଇଟି ଜନପଦ ପାଖାପାଖି ରହିଛି। ଧମ୍ମ ହେଉଛି ବୌଦ୍ଧମାନଙ୍କର ଏକ ଧାର୍ମିକ ଶବ୍ଦ। ଧମ୍ମ ଶବ୍ଦ ପରେ 'ଲୋ' ଲାଗିଥିବାରୁ ତାହା କ୍ରମଶଃ ଏହିପରି ଉଚ୍ଚାରଣକୁ ଆସିଯାଇଛି। ଏପରି ଅନୁଧାନ କଲେ ଜଣାଯାଏ ଯେ 'ଲୋ' ଶବ୍ଦଯୁକ୍ତ ବହୁ ଜନପଦ ବିଶେଷତଃ ଭୁବନେଶ୍ୱର, ଜଗତସିଂହପୁର, କେନ୍ଦ୍ରାପଡ଼ା ପ୍ରଭୃତି ଉପକୂଳବର୍ତ୍ତୀ ଜିଲ୍ଲାମାନଙ୍କରେ ଦେଖାଯାଏ। ଏ ସମ୍ପର୍କରେ ଅଧିକ ଆଲୋଚନାରୁ ଜଣାଯାଏ ଯେ ଖ୍ରୀଷ୍ଟପୂର୍ବ ୩ୟରୁ ୨ୟ ମଧ୍ୟରେ 'ଲୋ' ନାମରେ ଏକ ଜନଜାତି ବିଶେଷ କରି ଭିଏତନାମ, କୋରିଆ ଓ କାମ୍ବୋଡ଼ିଆ ପ୍ରଭୃତି ଦକ୍ଷିଣପୂର୍ବ ଏସିଆ ଦେଶମାନଙ୍କରୁ ନୌବାଣିଜ୍ୟ ଉଦ୍ଦେଶ୍ୟରେ ତୋଷାଳି, କଳିଙ୍ଗ ଓ ଦକ୍ଷିଣ କୋଶଳ ପ୍ରଭୃତି ରାଷ୍ଟ୍ରକୁ ଆସିବାପରେ ନିଜ ସ୍ଥାନକୁ ଆଉ ଫେରି ନଯାଇ କ୍ରମଶଃ ବସତି ସ୍ଥାପନ କରି ଏଠାରେ ରହିଯାଇଛନ୍ତି। ସେମାନଙ୍କର ପରିବାର ମାତୃକେନ୍ଦ୍ରିକ ହୋଇଥିବାରୁ ଜନପଦର ନାମ ଶେଷରେ 'ଲୋ' ଶବ୍ଦର ବ୍ୟବହାରେ ଏପରି ନାମକରଣମାନ କରିପାରିଛନ୍ତି। ଓଡ଼ିଶାରେ ଓଡ଼ିଆ ଭାଷାଭାଷୀଙ୍କ ମଧ୍ୟରେ ବିଶେଷ ଭାବରେ 'ଲୋ' ଶବ୍ଦ ପ୍ରଚଳିତ ଓ ତାହା କେବଳ ନାରୀମାନଙ୍କ ନାମର ପରେ ଲଗାଯାଇଥାଏ। ଯଥା- ବୋଉଲୋ, ଅପାଲୋ, ନାନୀଲୋ ଇତ୍ୟାଦି ବହୁ ଶବ୍ଦ। ତେଣୁ ଏହି 'ଲୋ' ଶବ୍ଦ ଓଡ଼ିଆ ସହିତ ଏଭଳି ଭାବରେ ଜଡ଼ିତ ଯେ ତାହା ଅନ୍ୟତ୍ର କୌଣସି ଭାଷାରେ ପ୍ରାୟଶଃ ଦେଖାଯାଏ ନାହିଁ। ସେହିଭଳି ଆଗରୁ କୁହାଯାଇଛି ଯେ ଏହି 'ଲୋ'କୁ ନେଇ ବହୁ ଜନପଦମାନ ଗଢ଼ିଉଠିଛି ଯଥା- ଧମିଲୋ, କଞ୍ଚିଲୋ, ଶିଶିଲୋ, ଗଭୀଲୋ, ଅଣ୍ଡିଲୋ, ଚମ୍ପାଲୋ, ରଟିଲୋ ଇତ୍ୟାଦି।

ପୂର୍ବ ଆଲୋଚିତ ଧମ୍ମିଲୋର ଗ୍ରାମଦେବତୀ ଭାବରେ ପୂଜା ପାଉଛନ୍ତି ଜାଙ୍ଗୁଳୀଙ୍କ ବିଗ୍ରହ। ଜାଙ୍ଗୁଳୀ ହେଉଛନ୍ତି ବୌଦ୍ଧଦେବୀ ଓ ସର୍ବ ବିଷହରଣ କରିବାର କ୍ଷମତା ତାଙ୍କର ରହିଛି। ବୁଦ୍ଧଦେବଙ୍କ ଆର୍ବିଭାବ ପୂର୍ବରୁ ଭାରତବର୍ଷରେ ଜାଙ୍ଗୁଳିଙ୍କର ପୂଜା ସର୍ବତ୍ର ହେଉଥିଲା। ଏହି ଭାରତୀୟ ଭୂଖଣ୍ଡରେ ଚାରି ପ୍ରକାରର ଜାଙ୍ଗୁଳୀଙ୍କ ବିଗ୍ରହମାନ ପୂଜା ପାଇଥାନ୍ତି। ଜାଙ୍ଗୁଳୀଙ୍କ ପୂଜା ସମ୍ପର୍କୀୟ କଥାମାନ ବୁଦ୍ଧଦେବ ତାଙ୍କର ଶିଷ୍ୟ ଆନନ୍ଦଙ୍କୁ କହିଥିଲେ। ଏହି ଧମିଲୋ ଗ୍ରାମର ଠିକ୍ ପୂର୍ବକୁ ପ୍ରାୟ ୨କି.ମି. ବ୍ୟବଧାନରେ ରହିଛି 'ଦୁର୍ଦ୍ଦୁରାବସ୍ତ' ନାମରେ ଏକ ପ୍ରାଚୀନ ଜନପଦ। ଦୁର୍ଦ୍ଦୁରା ନାମରେ ଅନ୍ୟ ଏକ ପ୍ରାଚୀନ ବନ୍ଦର ଦକ୍ଷିଣ ଆଫ୍ରିକାର ସମୁଦ୍ର ତଟରେ ଖ୍ରୀଷ୍ଟପୂର୍ବ ୧ମରେ ରହିଥିବାର ଜଣାଯାଏ। ଏହି ଧମିଲୋ ଗ୍ରାମର ଠିକ୍ ଉତ୍ତରକୁ ପ୍ରାୟ ୨କି.ମି. ବ୍ୟବଧାନରେ ରହିଛି କୁରାଙ୍ଗ ନାମରେ ଅନ୍ୟ ଏକ ଜନପଦ। ଏପରି ନାମରେ ଏକ ପୋତାଶ୍ରୟ ମଧ୍ୟ ପାକିସ୍ତାନ ଅନ୍ତର୍ଗତ ସିନ୍ଧୁପ୍ରଦେଶର କରାଚୀ ନିକଟରେ ଥିଲା ଯାହାର ଦୂରତା ସମ୍ରାଟ ଅଶୋକଙ୍କ ତ୍ରୟୋଦଶ ଅନୁଶାସନ ଥିବା ସାହେବ୍‌ଜାଦାଗଡ଼ିର ନିକଟବର୍ତ୍ତୀ। ତେଣୁ ଏହିସବୁ ନାମକରଣରୁ ଜଣାଯାଏ ଯେ ସେତେବେଳେ ତୋଷାଳି ସହିତ ମଗଧର ମୌର୍ଯ୍ୟବଂଶ ଶାସିତ ରାଜ୍ୟମାନଙ୍କର ଘନିଷ୍ଠତା ରହିବାସହ ଭାଷା ବା ଶବ୍ଦର ପ୍ରଚଳନ ମଧ୍ୟ ସେହିଭଳି ଭାବରେ ରହିଥିଲା। ଅର୍ଥାତ୍ ଗୋଟିଏ ସ୍ଥାନର ଭାଷା ବା ଶବ୍ଦକୁ ଅନ୍ୟ ସ୍ଥାନର ବାସିନ୍ଦାମାନେ ଜାଣିପାରିବା ସହ ସେ ସମ୍ପର୍କରେ ବିଶେଷ ଭାବରେ ଅବଗତ ହେଉଥିଲେ ଓ ଏହା ହିଁ ସମ୍ଭବତଃ ଥିଲା ଉଡ୍ରମାଗଧି ଭାଷାର ଆରମ୍ଭ। ଧମିଲୋ ନାମରେ ଅନ୍ୟ ଦୁଇଟି ଜନପଦ ମଧ୍ୟ ଥିବାର ଜଣାଯାଏ। ଗୋଟିଏ ରହିଛି କଟକ ସଦର ସବ୍‌ଡ଼ିଭିଜନ୍‌ର ନିଆଳୀ ଥାନା ନିକଟବର୍ତ୍ତୀ ଓ ଅନ୍ୟଟି ତିର୍ତ୍ତୋଲ ଥାନା ଅନ୍ତର୍ଗତ। ଧମ୍ମା ନାମରେ ମଧ୍ୟ ଅନ୍ୟ ଏକ ଜନପଦ ବରଗଡ଼ ଜିଲ୍ଲାରେ ଥିବାର ଦେଖାଯାଏ। ଅଶୋକଙ୍କ ମାତା ଧମ୍ମାଙ୍କର ଅନ୍ୟଏକ ନାମ ଥିଲା ସୁଭଦ୍ରାଙ୍ଗୀ। ଭଗବାନ ଶ୍ରୀଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କୁ ବୌଦ୍ଧଧର୍ମର ପ୍ରତୀକ ତ୍ରିରତ୍ନ (ସଂଘ, ଧର୍ମ ଓ ବୁଦ୍ଧ) ଭାବରେ ଗ୍ରହଣ କରାଯାଇଥିବାର ଅନ୍ୟ ଏକ ମତ ରହିଛି ଏବଂ ସେଥିପାଇଁ ତାଙ୍କ ବିଜେସ୍ଥଳିକୁ ରତ୍ନସିଂହାସନ କୁହାଯାଇଥାଏ। ସୁଭଦ୍ରାଙ୍ଗୀ ହେଉଛନ୍ତି ଶ୍ରୀମନ୍ଦିରରେ ପୂଜିତା ମାତା ସୁଭଦ୍ରା ଯିଏ କି ବୌଦ୍ଧଧର୍ମର ଧମ୍ମା ନାମରେ ପରିଚିତା। ଅଶୋକଙ୍କର ଧଉଳିସ୍ଥ ଧର୍ମାନୁଶାସନର ଲିପି ଥିଲା ବ୍ରାହ୍ମୀ ଓ ଭାଷା ପାଲି, ଯାହାକି ସେତେବେଳର ତୋଷାଳିରେ ପ୍ରଚଳିତ ଥିବାର କୁହାଯାଇପାରେ। ପୁଣି ଖ୍ରୀଷ୍ଟପୂର୍ବ ଶତାବ୍ଦୀ ବେଳକୁ ଧମିଲ୍ଲ ନାମରେ ଏକ ଶକ୍ତିଶାଳୀ ରାଷ୍ଟ୍ର ଦକ୍ଷିଣ-ପୂର୍ବ ଉପକୂଳ ଅର୍ଥାତ୍ ତୋଷାଳି ବା କଳିଙ୍ଗ ସୀମାବର୍ତ୍ତୀ ଅଞ୍ଚଳରେ ଥିଲା। ନାଗାର୍ଜୁନକୋଣ୍ଡା ଶିଳାଲିପିରୁ ମିଳିଥିବା ତଥ୍ୟ ଆଧାରରେ ସେଠାରେ ରହିଥିଲା ଥେରାବାଦୀ ବୌଦ୍ଧମାନଙ୍କର ଏକ ପ୍ରସିଦ୍ଧ ଶିକ୍ଷା କେନ୍ଦ୍ର। ପୁଣି ଧମିଲ୍ଲ ରାଜବଂଶ ସିଂହଳ ଦଖଲ କରି ଶାସନ କରିବାସହ ସେଠାର ସିଂହବଂଶ ଦାୟାଦ ବଜ୍ରବାହୁଙ୍କଠାରୁ ସେମାନଙ୍କୁ ପରାସ୍ତ ହେବାକୁ ପଡ଼ିଥିଲା। ଏହା ଖ୍ରୀଷ୍ଟପର ଏକାଦଶ ଶତାବ୍ଦୀର ଘଟଣା। ବଜ୍ରବାହୁ ଥିଲେ କଳିଙ୍ଗ ସମ୍ରାଟ ଚୋଡ଼ଗଙ୍ଗଦେବଙ୍କର ଜାମାତା। କଳିଙ୍ଗ ରାଜକୁମାରୀ ତ୍ରୈଲୋକ ସୁନ୍ଦରୀଙ୍କ ସହ ତାଙ୍କର ବିବାହ ହୋଇଥିଲା। କଳିଙ୍ଗର ନିଶଙ୍କ ମଲ୍ଲ ମଧ୍ୟ ସିଂହଳ ଦଖଲ କରି ଏଗାର ବର୍ଷ (ଖ୍ରୀ.ଅ. ୧୧୭୧-୧୧୮୯) ଶାସନ କରୁଥିବାର ସେଠାର ପୋଲନରୁଆରେ ଥିବା ସିଂହଳୀ ଭାଷାର ଏକ ଶିଳାଲିପିରୁ ଜଣାଯାଏ। ନିଶଙ୍କ ମଲ୍ଲଙ୍କ ଜନ୍ମସ୍ଥାନ ଥିଲା କଳିଙ୍ଗର ସିଂହପୁର। ସେତେବେଳେ କଳିଙ୍ଗର ଥିଲା ଦୁଇଟି ରାଜଧାନୀ। ଗୋଟିଏ ସିଂହପୁର ଓ ଅନ୍ୟଟି କପିଳପୁର। ଧମିଲ୍ଲ, ସିଂହପୁର ଓ କପିଳପୁରର ପ୍ରକୃତ ସ୍ଥାନ ଏପର୍ଯ୍ୟନ୍ତ ଚିହ୍ନଟ ହୋଇପାରିନାହିଁ। ତେବେ ଅନୁମାନ କରି ଯାହା କିଛି ଆଲୋଚନା କରାଯାଇପାରେ। ସୁମେରୀୟ ସଭ୍ୟତାର କୁକୁର ପୂଜା ଓଡ଼ିଶାର ସଂସ୍କୃତି ଉପରେ ପଡ଼ିଛି। ତେଣୁ ସେମାନଙ୍କର ଭାଷା ଓ ସଂସ୍କୃତି ସହ ଏହି ଅଞ୍ଚଳର ଲୋକମାନେ ବେଶ୍ ପରିଚିତ ଥିଲେ।

ତୋଷାଳି ଓ କଳିଙ୍ଗରେ ପ୍ରଚଳିତ ପାଲି ଭାଷା ହିଁ ସେତେବେଳେ ସିଂହଳୀ ଉପରେ ବେଶ୍ ପ୍ରଭାବ ପକାଇ ପାରିଥିଲା। ଭାଷାବିତ୍ ଐତିହାସିକ ଓଲଡେନବେର୍ଗ (Oldenberg) ଖାରବେଳ ଓ ଅଶୋକଙ୍କ ଶିଳାଲିପି ସହ ସିଂହଳରେ ପ୍ରଚଳିତ ଭାଷାକୁ ତୁଳନା କରି ଏପରି ମତ ଦେଇଛନ୍ତି। ସେହିଭଳି ବିଶିଷ୍ଟ ପାଶ୍ଚାତ୍ୟ ପଣ୍ଡିତ E. Muller ତାଙ୍କ ରଚିତ ପାଲି ଭାଷାର ବ୍ୟାକରଣରେ ଧଉଳିରେ ଥିବା ଅଶୋକଙ୍କ ଅନୁଶାସନର ଲିପି ଓ ଭାଷାକୁ ଅନୁଧ୍ୟାନ କରି ତାହା ପୁରୁଣା ସିଂହଳୀ ସହିତ ମେଳ ଖାଇଯାଉଥିବାର ଦର୍ଶାଇଛନ୍ତି। ସିଂହଳ ସହିତ ତୋଷାଳି ଓ କଳିଙ୍ଗ ସାଂସ୍କୃତିକ ଐତିହ୍ୟର ନିବିଡ଼ତା ଫଳରେ ହିଁ ଏହା ସମ୍ଭବ ହୋଇଥିବା ଥିଲା ତାଙ୍କର ମତ। ତୋଷାଳିର ଚାରିତ୍ରବନ୍ଦରରୁ ସିଂହଳକୁ ବୋଇତମାନ ଯାତାୟତ କରୁଥିଲା। ପହଞ୍ଚିବାର ସମୟ ଥିଲା ୪ଦିନ। ସିଂହଳରୁ ବୌଦ୍ଧ ଭିକ୍ଷୁ ଓ ଭିକ୍ଷୁଣୀମାନେ ଏହି ବନ୍ଦର ଦେଇ ସହଜରେ ତୋଷାଳି ଆସିପାରୁଥିଲେ। ଦେଶ ଅଭ୍ୟନ୍ତରକୁ ଯାତାୟତ ନିମନ୍ତେ ଜଳ ଓ ସ୍ଥଳ ପଥର ସଂଯୋଗ ବି ରହିଥିଲା। ଚୂଡ଼ଙ୍ଗଗଡ଼ ନିକଟସ୍ଥ ତ୍ରିଶୁଳିଆଠାରୁ 'ସୋଲବତୀ' ନାମରେ ଜଳସ୍ରୋତ ଓ 'ଭେଟ' ନାମରେ ବିସ୍ତୃତ ରାଜପଥ ସହ ଚାରିତ୍ର ବନ୍ଦର ସଂଯୁକ୍ତ ଥିଲା। ଏହି ଚାରିତ୍ର ବନ୍ଦରର ଅବସ୍ଥିତି ଥିଲା କୋଣାର୍କ ନିକଟରେ। ବନ୍ଦରରେ ପୂଜିତା ଦେବୀ ଥିଲେ ଚିତ୍ରେଶ୍ୱରୀ ଯିଏ କି ବୌଦ୍ଧଦେବୀ ଜାଙ୍ଗୁଳୀଙ୍କର ବିଗ୍ରହ। ବନ୍ଦର ଥିବା ସ୍ଥାନ ଏବେ ବି ଚିତ୍ରୋତ୍ପଳା ନାମରେ ନାମିତ।

### ଖାରବେଳଙ୍କ ଶିଳାଲିପି

ଭୁବନେଶ୍ୱରସ୍ଥ ଖଣ୍ଡଗିରି ଓ ଉଦୟଗିରି ପାହାଡ଼ରେ ଜୈନ ଅର୍ହତମାନଙ୍କ ରହିବା ନିମନ୍ତେ କେତେଗୁଡ଼ିଏ ଗୁମ୍ଫା ସେତେବେଳର ଶାସକମାନଙ୍କ ଦ୍ୱାରା କରାଯାଇଥିଲା। ସେଠାର ରାଣୀ ଗୁମ୍ଫାରେ ଲିଖିତ ଶିଳାଲିପିରେ କଳିଙ୍ଗ ସମ୍ରାଟ ଖାରବେଳଙ୍କର ୧୩ବର୍ଷ ଶାସନ ସମ୍ପର୍କରେ କିଛିଟା ଜାଣିହୁଏ। ଏହାର ଲିପି ବ୍ରାହ୍ମୀ ଓ ଭାଷା ହେଉଛି ଉଡ୍ରମାଗଧୀ। ଖାରବେଳଙ୍କ ପରବର୍ତ୍ତୀ ଶାସକ କୁଡ଼େପଶିରି (କୁଡ଼େପଶ୍ରୀ) ଏହାର ସଂସ୍ଥାପକ ଏବଂ ଲିପିଲେଖକ ଥିଲେ ଚୂଲ୍ଲକ। ଖାରବେଳଙ୍କ ପୂର୍ବଜ ସିରିସଦଙ୍କ (ଶ୍ରୀସଦ)ଙ୍କ ନାମରେ ଥିବା ଏପରି ଲିପି ଆନ୍ଧ୍ରର ଗୋଦାବରୀ ନଦୀ କୂଳରେ ଥିବା ଗୁଣ୍ଟାପଲ୍ଲୀରେ ଦେଖିବାକୁ ମିଳେ। ସେଥିରେ ସିରିସଦ (ଶ୍ରୀସଦ) ନିଜକୁ କଳିଙ୍ଗ ମହୀଷାକାଧିପତି ନାମରେ ପରିଚିତ କରାଇଛନ୍ତି। ଅର୍ଥାତ୍ ସିରିସଦ (ଶ୍ରୀସଦ) ଥିଲେ କଳିଙ୍ଗ ଏବଂ ମହୀଷକ ଏହି ଦୁଇ ରାଷ୍ଟ୍ରର ଅଧିପତି। ମାତ୍ର ଖାରବେଳ କେବଳ କଳିଙ୍ଗ ଅଧିପତି ଥିବାର ଉଦୟଗିରି ଶିଳାଲିପିରୁ ଜଣାପଡ଼େ। ଉଭୟଙ୍କର ନାମ ପୂର୍ବରୁ ମହାମେଘବାହନ ପଦବୀ ଯୋଡ଼ାଯାଇଥିବାରୁ ତାହା କେବଳ ଥିଲା ସେମାନଙ୍କର ଉପାଧି ବା ବଂଶ ମର୍ଯ୍ୟାଦା ସୂଚକ। ତେବେ ପ୍ରଶ୍ନ ଆସେ ଯେ ଖ୍ରୀ.ପୂ. ପ୍ରଥମ ଶତାବ୍ଦୀରେ କଳିଙ୍ଗ ସମ୍ରାଟ ଖାରବେଳଙ୍କର ତୋଷାଳିକୁ ଆସିବାର କାରଣ କ'ଣ ଥିଲା ? ସେତେବେଳେ ତୋଷାଳି କଳିଙ୍ଗ ଅଧିନରେ ଥିବାର କୌଣସି ତଥ୍ୟ ଏପର୍ଯ୍ୟନ୍ତ ମିଳିନାହିଁ। ଜୈନ ହରିବଂଶ ପୁରାଣରୁ ଜଣାଯାଏ ଯେ ସେହି ଧର୍ମର ଶେଷ ତୀର୍ଥଙ୍କର ମହାବୀରଙ୍କ ପିତାଙ୍କ ସହ ତୋଷାଳି ନରେଶଙ୍କର ଘନିଷ୍ଠ ବନ୍ଧୁତା ଥିଲା ଓ ତାଙ୍କ ଅନୁରୋଧରେ ସେ ଏଠାକୁ ଆସିଥିଲେ ଓ ଏହାଥିଲା ତାଙ୍କ ସାଧନାର ପୀଠ। ପୁଣି ଅନ୍ୟ ଏକ ମତ ରହିଛି ଯେ ମହାବୀରଙ୍କର ଜନ୍ମସ୍ଥାନ ଥିଲା ସେହି ପାହାଡ଼ର ନିକଟବର୍ତ୍ତୀ ଏକ ଜନପଦ। ତେଣୁ ଏହା ଉପରେ ବିତର୍କ କଲେ ଜଣାଯାଏ ଯେ ବର୍ତ୍ତମାନର ଖଣ୍ଡଗିରି ଓ ଉଦୟଗିରି ବା ସେତେବେଳର କୁମାରୀ ପର୍ବତ ଥିଲା ଜୈନ ଧର୍ମର ଏକ ପ୍ରମୁଖ ତୀର୍ଥସ୍ଥାନ। ପୁଣି ମହାବୀରଙ୍କ ମାତାଙ୍କ ନାମ ଥିଲା ତ୍ରିଶାଳା ଓ ପିତା ଥିଲେ ସିଦ୍ଧାର୍ଥ। ଏହି ଦୁହିଁଙ୍କ ନାମରେ ଦୁଇଟି ସ୍ଥାନ ଏବେ ବି ରହି ସେବେଳ ଇତିହାସର ସ୍ମାରକୀ ହୋଇଯାଇଛି। ତାହା ହେଉଛି ଭୁବନେଶ୍ୱର ଉତ୍ତରରେ ଥିବା ବାରଙ୍ଗ ବା ଚୂଡ଼ଙ୍ଗଗଡ଼ ନିକଟସ୍ଥ ତ୍ରିଶୂଳିଆ ଯାହାକି ତ୍ରିଶାଳା ଶବ୍ଦର ଅପଭ୍ରଂଶ। ଆଲୋଚ୍ୟ ଖଣ୍ଡଗିରିଠାରୁ ତାହାର ଦୂରତା ୧୩ କିଲୋମିଟର। ସେଠାରୁ ଉତ୍ତର-ପଶ୍ଚିମ କୋଣର ୮କିଲୋମିଟର ବ୍ୟବଧାନରେ ରହିଛି ନରାଜ ପାହାଡ଼। ସେହି ପାହାଡ଼ ଉପରେ ସିଦ୍ଧେଶ୍ୱର ନାମରେ ରହିଛି ଏକ ଶୈବପୀଠ। ଯେଉଁ ସ୍ଥାନରେ ଶିବଲିଙ୍ଗ ସ୍ଥାପିତ ହୋଇଛନ୍ତି ତାହାଥିଲା ଏକ ବୌଦ୍ଧ ଗୁମ୍ଫା। କେତେକ ଜୈନ ବିଗ୍ରହ ମଧ୍ୟ ସେଠାରେ ପଡ଼ି ରହିଥିବାର ଏବେ ବି ଦେଖାଯାଏ। ସିଦ୍ଧାର୍ଥରୁ ସିଦ୍ଧେଶ୍ୱର ନାମର ଅପଭ୍ରଂଶ ହୋଇଥିବାର ସମ୍ଭାବନାକୁ ଆଦୌ ଏଡ଼ାଇ ଦିଆଯାଇ ନପାରେ। 'ତ୍ରିଶୂଳିଆ' ତଉସୂଳିୟ ନାମରେ ଖାରବେଳଙ୍କ ଶିଳାଲେଖର ୬ଷ୍ଠ ଧାଡ଼ିରେ ଉତ୍କୀର୍ଣ୍ଣ ହୋଇଛି। ତାହାହେଲା– "ପଞ୍ଚମେଚ ଦାନି ବସେ ନନ୍ଦରାଜ ତିବସସତ ଘାଟିତଂ ତଉସୂଳୀୟ ବାଟା ପନାଡ଼ିଂ ନଗରିଂ ପବେ ସୟତି... ସତ ସହ ସେହି ଚ ଖନାପୟତି। ଅଭିସିତୋ (ଛଠେ) ବସେ ରାଜସେୟଂ ସଂଦଂସୟଂ ତୋ ସବକରବଣ।" ଓଡ଼ିଆ ଭାଷା ସହିତ ଏହାର ସାମଞ୍ଜସ୍ୟକୁ ସହଜରେ ଅନୁଧାନ କରାଯାଇପାରେ। ଏହି ସ୍ଥାନରୁ ସୋଲ ନାମରେ ଏକ ଜଳସ୍ରୋତ ପୂର୍ବଦିଗକୁ ପ୍ରବାହିତ ହୋଇଛି ଯାହାକି ମଝିମା ଦେଶର 'ସୋଲବତୀ' ନାମରେ ବୌଦ୍ଧ ଜାତକର ଗପମାନଙ୍କ ସହ ସିଂହଳର ବଂଶ ଇତିହାସରେ ଦେଖାଯାଏ। କଟକ ଭୁବନେଶ୍ୱର ରାସ୍ତାରେ ଥିବା ଧାକୁଲେଇ ବା ପ୍ରତାପନଗରୀଠାରେ ବହୁ ଜୈନ ମୂର୍ତ୍ତି ଥିବାର ଦେଖିହୁଏ ଯାହାକି ରାଜ୍ୟ ସରକାରଙ୍କ ପ୍ରତ୍ନତତ୍ତ୍ୱ ବିଭାଗ ସହାୟତାରେ ସଂରକ୍ଷିତ ହୋଇଛି। ତେଣୁ ଏହିସବୁରୁ ଆଲୋଚନା କଲେ ଜଣାଯାଏ ଯେ ଖ୍ରୀ.ପୂ. ୨ୟ ଓ ୩ୟ ଶତାବ୍ଦୀ ବେଳକୁ ପାଲି ଭାଷା ତୋଷାଳିରେ ବେଶ୍ ପ୍ରସାରିତ ହୋଇଯାଇଥିଲା। ଯାହାକି କ୍ରମାନ୍ୱୟରେ ପରିସ୍ଫୁଟିତ ହୋଇ ଅର୍ଦ୍ଧମାଗଧୀ/ ଉଡ୍ର ମାଗଧୀ ଓ ଶେଷରେ ଆଜିର ଓଡ଼ିଆ ଭାଷାକୁ ରୂପାନ୍ତରିତ ହୋଇଯାଇଛି। ଅର୍ଦ୍ଧମାଗଧୀ ହେଲା ଜୈନ ଓ ପାଲି ହେଲା ବୌଦ୍ଧ ପ୍ରାକୃତ।

ଖାରବେଳଙ୍କ ଶିଳାଲିପିରେ ବ୍ୟବହୃତ ହୋଇଥିବା ବହୁ ଶବ୍ଦ ପ୍ରାୟଶଃ ଓଡ଼ିଆ ଭାଷା ବା ଶବ୍ଦ ସହିତ ଯଥେଷ୍ଟ ସାମଞ୍ଜସ୍ୟ ଥିବାର ଦେଖାଯାଏ। ମଗଧ ସହିତ ତୋଷାଳି ବା ଉଡ୍ରର ସମ୍ପର୍କ ଥିଲା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ପୁଣି ଉଭୟ ରାଷ୍ଟ୍ର ଥିଲେ ପରସ୍ପରର ପଡ଼ୋଶୀ। ତୋଷାଳି ରାଷ୍ଟ୍ରର ଉପର ଆଲୋଚ୍ୟ ତ୍ରିଶାଳାଠାରୁ ମଗଧର ପାଟଳୀପୁତ୍ର ପର୍ଯ୍ୟନ୍ତ ସଂଯୋଗ ଥିବା ରାସ୍ତା ଏବେ ଆବିଷ୍କୃତ ହୋଇସାରିଛି। ଯଦି ଧମ୍ମା ତୋଷାଳି ପୁତ୍ରୀ ଥିଲେ ତେବେ ଏହାଥିଲା ସମ୍ରାଟ ଅଶୋକଙ୍କର ମାତୁଳ ଦେଶ। କଳିଙ୍ଗ ଆକ୍ରମଣ କରିବାକୁ ଆସିଥିବା ବେଳେ ତୋଷାଳି ବାଟରେ ତାଙ୍କୁ ଯିବାକୁ ହିଁ ପଡ଼ିଥିଲା। ସେତେବେଳେ କଳିଙ୍ଗର ସୀମା ଥିଲା ଗଞ୍ଜାମର ଋଷିକୂଲ୍ୟାଠାରୁ ଝଞ୍ଜାବତୀ ନଦୀର ଉପତ୍ୟକା ମଧ୍ୟରେ। ଏକାଦଶ ଶତାବ୍ଦୀ ପରେ କଳିଙ୍ଗ ସମ୍ରାଟ ଚୋଡ଼ଗଙ୍ଗଦେବ ଯୁଦ୍ଧ ଜୟ କରି କଳିଙ୍ଗ ସହ ତୋଷାଳି, ଉତ୍କଳ, ଦକ୍ଷିଣ କୋଶଳକୁ ମିଶାଇ ବୃହତ କଳିଙ୍ଗ ସୃଷ୍ଟି କରିପାରିଥିଲେ। ମାତ୍ର ଗଙ୍ଗ ବଂଶର ଶାସନ ପରେ ସୂର୍ଯ୍ୟବଂଶର ଗଜପତି ସମ୍ରାଟ କପିଳେନ୍ଦ୍ରଦେବ ଗାଦିନାସନ ହୋଇ ଆଉ କଳିଙ୍ଗ ନାମ ନ ନେଇ ଉତ୍କଳ ରଖିଥିଲେ। ଭୌମକରମାନଙ୍କ ଶାସନବେଳେ ଉତ୍କଳ ଓ ତୋଷାଳି ଏକ ଥିବାର ଚୌରାଶୀରୁ ଆବିଷ୍କୃତ ଏକ ତାମ୍ରଫଳକରୁ ଜଣାଯାଏ। (କ୍ରମଶଃ)

# ଭୁବନେଶ୍ୱରର ମୃତ ରାଜାରାଣୀ



କାଳୀପ୍ରସାଦ ସ୍ୱାଇଁ
ସମାଜସେବୀ, ପୁରୀ

ଉତ୍କୃଷ୍ଟ କଳାର ସର୍ବୋଚ୍ଚ ଉପାଧି ଧାରଣ କରିଥିବା ଉତ୍କଳୀୟ ମନ୍ଦିର ସ୍ଥାପତ୍ୟ କେବଳ ପ୍ରସ୍ତରରେ ଖୋଦିତ କୌଣସି ନିର୍ଜୀବ କଳାକୃତି ନୁହେଁ, ବରଂ ଏହା ଭାରତୀୟ ଆଗମ ଶାସ୍ତ୍ର, ବ୍ରହ୍ମାଣ୍ଡୀୟ ଜ୍ୟାମିତି, ବୈଦିକ ଗଣିତ ଏବଂ ଆଧ୍ୟାତ୍ମିକ ଦର୍ଶନର ଏକ ଗଭୀର ସମ୍ମିଶ୍ରଣ ଅଟେ । ଏକାଦଶ ଶତାବ୍ଦୀର ସୋମବଂଶୀ ରାଜତ୍ୱ କାଳରେ ନିର୍ମିତ ଭୁବନେଶ୍ୱରର ପ୍ରସିଦ୍ଧ 'ରାଜାରାଣୀ ମନ୍ଦିର' କଳିଙ୍ଗ ସ୍ଥାପତ୍ୟ କଳାର ଏକ ଚୂଡ଼ାନ୍ତ ନିଦର୍ଶନ। 'ଶିଳ୍ପ ପ୍ରକାଶ' ଏବଂ 'ଭୁବନପ୍ରଦୀପ' ପରି ପ୍ରାଚୀନ ବାସ୍ତୁ ଶାସ୍ତ୍ରର ସମସ୍ତ ନିୟମକୁ ଅନୁସରଣ କରି ନିର୍ମାଣ ହୋଇଥିବା ଏହି ଆରକ୍ତ ଓ ପୀତ ପାଷାଣର ଦେବାଳୟଟି ଏକ ଜୀବନ୍ତ ବାସ୍ତୁନକ୍ସା ସଦୃଶ । ଧନରତ୍ନରେ ପରିପୂର୍ଣ୍ଣ ଭାରତୀୟ ଦେବାଳୟ ମାନଙ୍କୁ ଲୁଟିବା ପାଇଁ ବ୍ରିଟିଶ ମାନଙ୍କ ଦ୍ୱାରା ନିର୍ମିତ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥାର କଠୋର ଏବଂ ଔପନିବେଶିକ ମାନସିକତାପୂର୍ଣ୍ଣ 'ନନ୍-ଲିଭିଂ' (ମୃତ ସ୍ମାରକୀ) ଆଇନ ଯୋଗୁଁ ଆଜି ଏହି ମହାନ ଶାସ୍ତ୍ରୀୟ ପୀଠଟି ଆଧ୍ୟାତ୍ମିକ ସ୍ପନ୍ଦନହୀନ ହୋଇ ପଡ଼ିରହିଛି। ସରକାରୀ ନିୟମ ବାହାନାରେ ମନ୍ଦିରର ଗର୍ଭଗୃହରେ ନିତ୍ୟ ଆରାଧନା, ଧୂପ ଦୀପ ନିବେଦନ, ଘଣ୍ଟ ଘଣ୍ଟା ଶଙ୍ଖ ନାଦ ଏବଂ ବେଦମନ୍ତ୍ରର ଧ୍ୱନି ଆଦି ବନ୍ଦ କରାଯାଇଛି। ଏହିପରି ଏକ ପବିତ୍ର ମନ୍ଦିରକୁ ମୃତ ଭାବେ ନଷ୍ଟ ହେବାକୁ ଛାଡ଼ିଦେବା ଅନ୍ୟ କିଛି ନୁହେଁ, ବରଂ ଓଡ଼ିଆ ଅସ୍ମିତାର ହତ୍ୟା। ଏହା ସମଗ୍ର ଓଡ଼ିଆ ଜାତିର ସାଂସ୍କୃତିକ ଓ ଧାର୍ମିକ ଭାବାବେଗ ପ୍ରତି ଏକ ଗଭୀର ଆଘାତ, ଯାହାକୁ ଆଉ ନୀରବରେ ସହ୍ୟ କରାଯାଇନପାରେ।

ବୈଦିକ ଶୁଲ୍ବସୂତ୍ର ଏବଂ ଆଗମିକ ସଂହିତା ଅନୁସାରେ, ଏକ ମନ୍ଦିରର ଶୁଭାରମ୍ଭ 'ବାସ୍ତୁପୁରୁଷ ମଣ୍ଡଳ'ର ଜ୍ୟାମିତିକ ବିନ୍ୟାସରୁ ହିଁ ହୋଇଥାଏ। ଏକାମ୍ର କ୍ଷେତ୍ର ଅନ୍ତର୍ଗତ ରାଜାରାଣୀ ମନ୍ଦିରର ସଂରଚନା ଏହି ଶାସ୍ତ୍ରୀୟ ଗଣିତର ଏକ ପରମୋତ୍କୃଷ୍ଟ ପ୍ରୟୋଗ, ଯେଉଁଥିରେ ସୁବର୍ଣ୍ଣ ଅନୁପାତ ଏବଂ କେନ୍ଦ୍ରୀୟ ବ୍ରହ୍ମସ୍ଥାନର ସୂକ୍ଷ୍ମତା ନିର୍ଦ୍ଧାରଣ କରାଯାଇଛି। ମନ୍ଦିରର ପଞ୍ଚରଥ ଶୈଳୀର ପ୍ରସାରଣ, ରେଖା ଦେଉଳର କ୍ରମରେ ଥିବା ଉଚ୍ଚତା ଏବଂ ଗର୍ଭଗୃହର ବ୍ୟାସ ମଧ୍ୟରେ ଥିବା ଗଣିତାତ୍ମକ ସାମଞ୍ଜସ୍ୟ ପ୍ରକୃତରେ ପ୍ରାଚୀନ ଭାରତୀୟ ତଥା ଓଡ଼ିଆ ଜାତିର ଜ୍ୟାମିତିକ ବିଜ୍ଞାନର ଗଭୀରତାକୁ ପ୍ରମାଣିତ କରେ। ମନ୍ଦିରର ଭିତ୍ତିଭୂମିରୁ ଆରମ୍ଭ କରି କଳସ, ମସ୍ତକ ଏବଂ ଆମଳକ ପର୍ଯ୍ୟନ୍ତ ସମସ୍ତ ଅଂଶ ଏକ ନିର୍ଦ୍ଦିଷ୍ଟ ସାଂଖ୍ୟିକ ଅନୁପାତରେ ଗଠିତ। ବୈଦିକ ବିଜ୍ଞାନ ଅନୁସାରେ, ଯେତେବେଳେ ଏପରି ପବିତ୍ର ଜ୍ୟାମିତିକ ଗଠନ ମଧ୍ୟରେ ସ୍ୱତନ୍ତ୍ର ନିୟମାନୁସାରେ ଗର୍ଭଗୃହରେ ଦେବତାଙ୍କ ପ୍ରାଣପ୍ରତିଷ୍ଠା କରାଯାଏ ଏବଂ ବେଦମନ୍ତ୍ରର ତରଙ୍ଗ ପ୍ରବାହିତ ହୁଏ, ସେତେବେଳେ ସେଠାରେ ଅଦୃଶ୍ୟଭାବେ ପ୍ରବଳ ଆଧ୍ୟାତ୍ମିକ ଉର୍ଜାକ୍ଷେତ୍ର ବା ଏନର୍ଜି ଫିଲଡ୍ ସୃଷ୍ଟି ହୋଇଥାଏ। ଆଜି ସ୍ଥାପତ୍ୟ ଓ ଗଣିତର ଉପସ୍ଥିତି ଥାଇ ମଧ୍ୟ ସେଠାରେ ପ୍ରାଣପ୍ରତିଷ୍ଠା ଓ ମନ୍ତ୍ରୋଚ୍ଚାରଣ ନହେବା ବାସ୍ତୁ ନିୟମର ସମ୍ପୂର୍ଣ୍ଣ ପ୍ରତିକୂଳ ଏବଂ ଏହା ବାସ୍ତୁପୁରୁଷଙ୍କ ପ୍ରତି ଏକ ଆଧ୍ୟାତ୍ମିକ ଅବମାନନା ।

ଆଗମ ଶାସ୍ତ୍ରରେ ସ୍ପଷ୍ଟ ଭାବେ କୁହାଯାଇଛି ଯେ "ପ୍ରାସାଦଂ ପୁରୁଷଂ ମାତ୍ୱା ପୂଜାୟେନ୍ମନ୍ତ୍ରବିତ୍ ସଦା" ଅର୍ଥାତ୍ ମନ୍ଦିର ହେଉଛି ସାକ୍ଷାତ୍ ଈଶ୍ୱରଙ୍କ ଦିବ୍ୟ ଶରୀରର ପାଷାଣମୟ ପ୍ରତୀକ। ଏହାର ପାଦପୀଠ ହେଉଛି ଗୋଡ଼, ମଣ୍ଡପ ହେଉଛି ଶରୀର ଓ ହୃଦୟ, ଏବଂ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଗର୍ଭଗୃହ ହେଉଛି ମସ୍ତିଷ୍କ । ରାଜାରାଣୀ ମନ୍ଦିରର ବାହ୍ୟ ପ୍ରାଚୀରରେ ବିରାଜମାନ ଅଷ୍ଟଦିଗପାଳ (ଇନ୍ଦ୍ର, ଅଗ୍ନି, ଯମ, ନୈଋତ, ବରୁଣ, ବାୟୁ, କୁବେର ଓ ଐଶାନ), ନାଗ, ଗନ୍ଧର୍ବ ଏବଂ ବିଭିନ୍ନ ଅପ୍ସରା ଓ କନ୍ୟାମାନଙ୍କ ଭାସ୍କର୍ଯ୍ୟ ଭରା ମୂର୍ତ୍ତି କେବଳ ମନ୍ଦିରର ସୌନ୍ଦର୍ଯ୍ୟ ବର୍ଦ୍ଧିତ କରନ୍ତି ନାହିଁ ବରଂ ସେମାନେ ଆଗମିକ ବାସ୍ତୁ ଚକ୍ରର ଆଧ୍ୟାତ୍ମିକ ସୁରକ୍ଷା ବଳୟ ଗଠନ ଓ ତାର ସୁରକ୍ଷା କରନ୍ତି। ଗର୍ଭଗୃହରେ ଶୈବ କିମ୍ବା ବୈଷ୍ଣବ ଶାସ୍ତ୍ରୀୟ ନିୟମାନୁସାରେ ପୁନର୍ବାର ମୁଖ୍ୟ ବିଗ୍ରହଙ୍କୁ ପ୍ରତିଷ୍ଠିତ ନକରିବା ଏବଂ ପାର୍ଶ୍ୱଦେବତାଙ୍କୁ ନିତ୍ୟ ପୂଜାର୍ଚ୍ଚନାରୁ ବଞ୍ଚିତ ରଖିବା ଦ୍ୱାରା, ମନ୍ଦିରର ଏହି ବ୍ରହ୍ମାଣ୍ଡୀୟ ସୁରକ୍ଷା ଚକ୍ର ସମ୍ପୂର୍ଣ୍ଣ ରୂପେ ନିଷ୍କ୍ରିୟ ହୋଇରହିଛି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ କ୍ଷେତ୍ର ତଥା ଲିଙ୍ଗରାଜ ଙ୍କ ମନ୍ଦିରମାଳିନୀ ପବିତ୍ର ଭୂମିରେ ଆଜି ଆମ ସଂସ୍କୃତିକୁ କେବଳ ସାଧାରଣ ପର୍ଯ୍ୟଟନର ବସ୍ତୁ କରି ରଖାଯାଇଛି କିନ୍ତୁ ଭାରତୀୟ ସନାତନ ପରମ୍ପରାରେ ଏହା ଶ୍ରଦ୍ଧା ଓ ବିଶ୍ୱାସର 'ତୀର୍ଥ'। ସରକାରଙ୍କ ଦ୍ୱାରା ଟିକେଟ ଟଙ୍କା ଆଦାୟ କଣ ସଂସ୍କୃତିର ପ୍ରକୃତ ବିକାଶ ପାଇଁ, ନା ଏହା ସଂସ୍କୃତି ବିଭାଗର ନିଦ୍ରା ଓ ଉଦାସୀନତାକୁ ଘୋଡ଼ାଇବା ପାଇଁ ଉଦ୍ଦିଷ୍ଟ ତାହା ଆଜି ପ୍ରଶ୍ନବାଚୀ କ୍ଷ ଜୀବନ ବିନା ଶରୀର ଯେପରି ଅସମ୍ପୂର୍ଣ୍ଣ, ଗର୍ଭଗୃହରେ ଦେବତା ଓ ପ୍ରାଣପ୍ରତିଷ୍ଠା ବିନା ଏହିପରି ଏକ ବିଶାଳ ବାସ୍ତୁକୃତି ସେହିପରି ଆତ୍ମହୀନ।

ତେଣୁ, ଆଜିର ଏହି ସାଂସ୍କୃତିକ ଜାଗରଣ ଓ ଧାର୍ମିକ ପୁନରୁଦ୍ଧାରର ଯୁଗରେ, ରାଜାରାଣୀ ମନ୍ଦିରକୁ କେବଳ ଏକ ସଂରକ୍ଷିତ ସ୍ମାରକୀ ନଭାବି ଓଡିଶାର ନୂଆ ସରକାର ଏହାକୁ 'ଜୀବନ୍ତ ଐତିହ୍ୟ'ର ମାନ୍ୟତା ଦେବା ଶାସ୍ତ୍ରୀୟ ଓ ସାଂସ୍କୃତିକ ଦୃଷ୍ଟିରୁ ନିହାତି ଜରୁରୀ। ମନ୍ଦିରଟିର ପୁନଃରୁଦ୍ଧାର ଓ ସୁପରିଚାଳନା ନିମିତ୍ତ ସଂସ୍କୃତି ବିଭାଗ, ASI, ଶାସ୍ତ୍ରବିତ୍, ବୈଦିକ ଆଚାର୍ଯ୍ୟ, ପାରମ୍ପରିକ ସେବାୟତ ଏବଂ ଭକ୍ତ ମାନଙ୍କ ମିଳିତ ସହଯୋଗରେ ଏକ ନୂତନ ନୀତି ସୃଷ୍ଟି କରାଯିବା ଆବଶ୍ୟକ। ମନ୍ଦିରର ସ୍ଥାପତ୍ୟ ଓ ପ୍ରାଚୀନ ପ୍ରସ୍ତରର କୌଣସି କ୍ଷତି ନଘଟାଇ, ନିୟନ୍ତ୍ରିତ ଭାବେ ଗର୍ଭଗୃହରେ ବୈଦିକ ରୀତିରେ ପ୍ରାଣପ୍ରତିଷ୍ଠା, ଶାସ୍ତ୍ରୀୟ ପୂଜା ଅର୍ଚ୍ଚନା, ପାରମ୍ପରିକ ଉତ୍ସବ,ଯାତ୍ରା, ଜାଗଯଜ୍ଞ ଏବଂ ୨୪ ଘଣ୍ଟିଆ ବେଦମନ୍ତ୍ର ଧ୍ୱନିର ପ୍ରବାହ କରାଯାଇ ଏକାମ୍ର କ୍ଷେତ୍ରରେ ଏକ ସ୍ୱତନ୍ତ୍ର ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇ ପାରିବ। ପ୍ରାଚୀନ ଗଣିତ, ବାସ୍ତୁବିଜ୍ଞାନ, କଳା ଏବଂ ଆଧ୍ୟାତ୍ମିକ ସାଧନାର ଏହି ଅନନ୍ୟ ସଙ୍ଗମସ୍ଥଳ ପୁନର୍ବାର ବେଦ ଗୁଞ୍ଜରଣରେ ଜୀବନ୍ତ ହୋଇଉଠୁ। ରାଜାରାଣୀ ମନ୍ଦିର କେବଳ ଟିକେଟ କାଟି ଦେଖିବାର ଦର୍ଶନୀୟ ସ୍ଥଳୀ ନହୋଇ, ପୁନର୍ବାର ନିତ୍ୟ ସ୍ପନ୍ଦିତ ଏକ ପବିତ୍ର 'ତୀର୍ଥ' ଭାବେ ନିଜର ଆଧ୍ୟାତ୍ମିକ ଆତ୍ମା ଓ ଦିବ୍ୟତା ଫେରିପାଉ ଏହା ହିଁ ସାକ୍ଷାତ ଓଡ଼ିଆ ଅସ୍ମିତା ର ଆହ୍ୱାନ ।



Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର,୦୭ ଅକ୍ଟୋବର୨୦୨୬ ବୁଧବାର
ଆଭା

# ମା' ଦୁର୍ଗାଙ୍କ ନବରୂପର ମହତ୍ତ୍ୱ



ଶକ୍ତି, ସାହସ, ଧୈର୍ଯ୍ୟ ଓ ନ୍ୟାୟର ପ୍ରତୀକ ମା' ଦୁର୍ଗା। ନବରାତ୍ରିର ୯ ଦିନରେ ଦେବୀଙ୍କ ୯ଟି ରୂପର ଆରାଧନା କରାଯାଏ। ଏହି ନବରୂପ ମିଶ୍ରଣକୁ 'ନବଦୁର୍ଗା' ବୋଲି କୁହାଯାଏ। ଧାର୍ମିକ ଆସ୍ଥା ସହିତ ଜଡ଼ିତ ଏହି ନବରୂପଗୁଡ଼ିକୁ ଜୀବନର ବିଭିନ୍ନ ମୂଲ୍ୟବୋଧର ପ୍ରତୀକ ସହ ଜଡ଼ିତ। ନବରାତ୍ରିର ପ୍ରଥମ ଦିନଠାରୁ ନବମ ଦିନ ପର୍ଯ୍ୟନ୍ତ ମା'ଙ୍କ ପ୍ରତ୍ୟେକ ରୂପର ରହିଛି ଭିନ୍ନ ମହତ୍ତ୍ୱ। କେଉଁ ରୂପ ଦୃଢ଼ତାର ବାର୍ତ୍ତା ଦିଏ, ତ ଆଉ କେଉଁ ରୂପ ଧୈର୍ଯ୍ୟ, ମମତା, ସାହସ ଓ ଆତ୍ମସଂଯମର ପ୍ରତୀକ ଭାବେ ପରିଚିତ।

ମା' ଶୈଳପୁତ୍ରୀ: ନବରାତ୍ରିର ପ୍ରଥମ ଦିନ ମା' ଶୈଳପୁତ୍ରୀଙ୍କୁ ପୂଜା କରାଯାଏ। ପୌରାଣିକ ପରମ୍ପରାରେ ସେ ପର୍ବତରାଜ ହିମାଳୟଙ୍କ କନ୍ୟା ଭାବେ ବର୍ଣ୍ଣିତ। ତାଙ୍କ ରୂପ ସ୍ଥିରତା ଓ ଦୃଢ଼ତା ସହ ଯୋଡ଼ି ହୋଇଥାଏ। ଜୀବନର ପ୍ରତ୍ୟେକ ନୂଆ ଆରମ୍ଭ ପାଇଁ ଏକ ଦୃଢ଼ ଭିତ୍ତିର ଆବଶ୍ୟକତା ରହିଥାଏ। ଏହି ବାର୍ତ୍ତା ଏହି ରୂପ ସହ ଜଡ଼ିତ।

ମା' ବ୍ରହ୍ମଚାରିଣୀ: ଦ୍ୱିତୀୟ ଦିନ ମା' ବ୍ରହ୍ମଚାରିଣୀଙ୍କ ଆରାଧନା କରାଯାଏ। ତପସ୍ୟା, ସଂଯମ ଓ ଧୈର୍ଯ୍ୟର ପ୍ରତୀକ ଭାବେ ତାଙ୍କୁ ସ୍ମରଣ କରାଯାଏ। ଜୀବନରେ ଲକ୍ଷ୍ୟ ହାସଲ କରିବାକୁ ତତ୍କ୍ଷଣାତ୍ ସଫଳତା ଅପେକ୍ଷା ଧୈର୍ଯ୍ୟ ଓ ନିରନ୍ତର ପ୍ରୟାସର ଆବଶ୍ୟକତା ରହିଥାଏ।

ମା' ଚନ୍ଦ୍ରଘଣ୍ଟା: ନବରାତ୍ରିର ତୃତୀୟ ଦିନ ମା' ଚନ୍ଦ୍ରଘଣ୍ଟାଙ୍କ ପୂଜା କରାଯାଏ। କପାଳରେ ଘଣ୍ଟା ଆକୃତିର ଚନ୍ଦ୍ର ଧାରଣ କରିଥିବା ଏହି ରୂପ ସାହସ ଓ ଶାନ୍ତିର ପ୍ରତୀକ ଭାବେ ପରିଚିତ। ଜୀବନରେ ଅନେକ ଆହ୍ୱାନ ଆସିଲେ ମଧ୍ୟ ମନର ଶାନ୍ତି ବଜାୟ ରଖି ସାହସର ସହ ତାହାର ମୁକାବିଲା କରିବାର ବାର୍ତ୍ତା ଏହି ରୂପ ଦିଏ।

ମା' କୁଷ୍ମାଣ୍ଡା: ଚତୁର୍ଥ ଦିନ ମା' କୁଷ୍ମାଣ୍ଡାଙ୍କ ଆରାଧନା କରାଯାଏ। ପୌରାଣିକ ମାନ୍ୟତାରେ ତାଙ୍କୁ ସୃଷ୍ଟିଶକ୍ତି ସହ ଯୋଡ଼ାଯାଇଛି। ଏହି ରୂପ ସୃଜନଶୀଳତା ଓ ସକାରାତ୍ମକତାର ପ୍ରତୀକ ଭାବେ ଦେଖାଯାଏ। ଜୀବନରେ ଛୋଟ ଛୋଟ ସକାରାତ୍ମକ ପଦକ୍ଷେପ ମଧ୍ୟ ବଡ଼ ପରିବର୍ତ୍ତନ ଆଣିପାରେ।

ମା' ସ୍କନ୍ଦମାତା: ପଞ୍ଚମ ଦିନ ମା' ସ୍କନ୍ଦମାତାଙ୍କ ପୂଜା କରାଯାଏ। ସେ କାର୍ତ୍ତିକେୟ ବା ସ୍କନ୍ଦଙ୍କ ମାତା ଭାବେ ପରିଚିତ। ମାତୃତ୍ୱ, ମମତା ଓ ଦାୟିତ୍ୱର ଭାବନା ତାଙ୍କ ରୂପ ସହ ଜଡ଼ିତ। ପରିବାର ଓ ସମ୍ପର୍କର ମହତ୍ତ୍ୱକୁ ଏହି ରୂପ ମନେ ପକାଇ ଦିଏ।

ମା' କାତ୍ୟାୟନୀ: ନବରାତ୍ରିର ଷଷ୍ଠ ଦିନ ମା' କାତ୍ୟାୟନୀଙ୍କ ଆରାଧନା କରାଯାଏ। ଶକ୍ତି, ସାହସ ଓ ନିର୍ଭୀକତାର ପ୍ରତୀକ ଭାବେ ତାଙ୍କୁ ସ୍ମରଣ କରାଯାଏ। ଜୀବନର କଠିନ ପରିସ୍ଥିତିରେ ଦୃଢ଼ ନିଷ୍ପତ୍ତି ନେବା ଓ ଭୟକୁ ସାମ୍ନା କରିବାର ସାହସ ଏହି ରୂପ ସହ ସମ୍ପର୍କିତ।

ମା' କାଳରାତ୍ରୀ: ସପ୍ତମ ଦିନ ମା' କାଳରାତ୍ରୀଙ୍କ ପୂଜା କରାଯାଏ। ଦେବୀଙ୍କ ଏହି ରୂପ ଭୟଙ୍କର ହୋଇଥିଲେ ମଧ୍ୟ ଅଶୁଭ ଶକ୍ତିର ବିନାଶ ସହ ଜଡ଼ିତ। ଅନ୍ଧକାର ଓ ଭୟକୁ ସାମ୍ନା କରି ଆଗକୁ ବଢ଼ିବାର ଆଧ୍ୟାତ୍ମିକ ବାର୍ତ୍ତା ଏହି ରୂପରୁ ମିଳେ।

ମା' ମହାଗୌରୀ: ଅଷ୍ଟମ ଦିନ ମା' ମହାଗୌରୀଙ୍କ ଆରାଧନା କରାଯାଏ। ଶାନ୍ତି, ପବିତ୍ରତା ଓ ସରଳତା ସହ ଏହି ରୂପକୁ ଯୋଡ଼ି ଦେଖାଯାଏ। ବାହ୍ୟ ଚମକ ଅପେକ୍ଷା ମନର ଶାନ୍ତି ଓ ସରଳତାର ମହତ୍ତ୍ୱ ଏହି ରୂପ ମାଧ୍ୟମରେ ପ୍ରତିଫଳିତ ହୁଏ।

ମା' ସିଦ୍ଧିଦାତ୍ରୀ: ନବରାତ୍ରିର ନବମ ତଥା ଶେଷ ଦିନ ମା' ସିଦ୍ଧିଦାତ୍ରୀଙ୍କ ପୂଜା କରାଯାଏ। ଧାର୍ମିକ ପରମ୍ପରାରେ ସେ ସିଦ୍ଧି ପ୍ରଦାନକାରିଣୀ ଦେବୀ ଭାବେ ପରିଚିତ। ଏହି ରୂପ ସାଧନା, ସଫଳତା ଓ ଆଧ୍ୟାତ୍ମିକ ପୂର୍ଣ୍ଣତା ସହ ଜଡ଼ିତ ବୋଲି ମନେ କରାଯାଏ। ନବରାତ୍ରି କେବଳ ପୂଜାପାଠ ଓ ଉତ୍ସବର ସମୟ ନୁହେଁ, ଭକ୍ତି ପରମ୍ପରାରେ ଏହା ଆତ୍ମଚିନ୍ତନର ଏକ ଅବସର ଭାବେ ମଧ୍ୟ ଦେଖାଯାଏ। ନବଦୁର୍ଗାଙ୍କ ପ୍ରତ୍ୟେକ ରୂପ ସହ ଜଡ଼ିତ ଭିନ୍ନ ଭିନ୍ନ ପ୍ରତୀକାତ୍ମକ ଅର୍ଥ ମଣିଷକୁ ଜୀବନର ବିଭିନ୍ନ ପରିସ୍ଥିତିକୁ ସାମ୍ନା କରିବାର ମୂଲ୍ୟବୋଧ ସହ ଯୋଡ଼ିଥାଏ।

# ମା' ମହିଷାସୁରମର୍ଦ୍ଦିନୀଙ୍କ ଜନ୍ମ

ଶରତ ଋତୁର ଆଗମନ ସହ ଚାରିଆଡ଼େ ଆରମ୍ଭ ହୁଏ ଶକ୍ତିର ଆରାଧନା। ନବରାତ୍ରି ହେଉଛି ଦେବୀ ଦୁର୍ଗାଙ୍କ ନବରୂପକୁ ସମର୍ପିତ ଏକ ପବିତ୍ର ପର୍ବ। ନଅ ଦିନ ଧରି ଭକ୍ତମାନେ ମା'ଙ୍କ ବିଭିନ୍ନ ରୂପକୁ ପୂଜା କରିଥାନ୍ତି। ଏହା କେବଳ ଏକ ଧାର୍ମିକ ପର୍ବ ନୁହେଁ, ବରଂ ଶକ୍ତି, ସାହସ ଓ ଅସତ୍ୟ ଉପରେ ସତ୍ୟର ବିଜୟର ପ୍ରତୀକ। ପୌରାଣିକ କଥା ଅନୁସାରେ, ମହିଷାସୁରର ଅତ୍ୟାଚାରରେ ଦେବତାମାନେ ଅସହାୟ ହୋଇପଡ଼ିଥିଲେ। ଏହାପରେ ବ୍ରହ୍ମା, ବିଷ୍ଣୁ ଓ ମହେଶଙ୍କ ସମେତ ଅନ୍ୟ ଦେବତାଙ୍କ ଶକ୍ତି ଏକତ୍ରିତ ହୋଇ ଦେବୀ ଦୁର୍ଗାଙ୍କ ଆବିର୍ଭାବ ହୋଇଥିଲା। ଦେବତାମାନେ ତାଙ୍କୁ ବିଭିନ୍ନ ଅସ୍ତ୍ର ପ୍ରଦାନ କରିଥିଲେ। ସିଂହ ହୋଇଥିଲା ତାଙ୍କ ବାହନ। ପରେ ମା' ଦୁର୍ଗା ମହିଷାସୁର ସହ ଯୁଦ୍ଧ କରି ତାକୁ ବଧ କରିଥିଲେ। ଏଥିପାଇଁ ସେ 'ମହିଷାସୁରମର୍ଦ୍ଦିନୀ' ନାମରେ ମଧ୍ୟ ପରିଚିତ। ବିଶ୍ୱାସ ଅନୁସାରେ, ମା' ଦୁର୍ଗା ଓ ମହିଷାସୁରଙ୍କ ମଧ୍ୟରେ ନଅ ଦିନ ଧରି ଯୁଦ୍ଧ ହୋଇଥିଲା। ଦଶମ ଦିନରେ ମା' ମହିଷାସୁରକୁ ବଧ କରିଥିଲେ। ଏହି ବିଜୟକୁ ସ୍ମରଣ କରି ଦଶମ ଦିନ ବିଜୟାଦଶମୀ ପାଳନ କରାଯାଏ। ସିଂହକୁ ଶକ୍ତି, ସାହସ ଓ ନିର୍ଭୀକତାର ପ୍ରତୀକ ବୋଲି ମନାଯାଏ। ତେଣୁ ମା' ଦୁର୍ଗାଙ୍କ ସିଂହବାହନ ରୂପ ଅନ୍ୟାୟ ଓ ଅସତ୍ୟ ବିରୋଧରେ ଶକ୍ତିର ପ୍ରତୀକ ଭାବେ ପରିଚିତ।

ନବରାତ୍ରିରେ କନ୍ୟା ପୂଜନର ମଧ୍ୟ ବିଶେଷ ମହତ୍ତ୍ୱ ରହିଛି। ଛୋଟ କନ୍ୟାଙ୍କ ମଧ୍ୟରେ ଦେବୀଙ୍କ ସ୍ୱରୂପ ଦେଖି ସେମାନଙ୍କୁ ପୂଜା କରାଯାଏ। ଏହା ନାରୀଶକ୍ତି ପ୍ରତି ସମ୍ମାନର ଏକ ପ୍ରତୀକ। ନବରାତ୍ରିରେ ଯବ ବୁଣିବା, କଳସ ସ୍ଥାପନ ଓ ନବଦୁର୍ଗାଙ୍କ ଆରାଧନା ଭକ୍ତିର ପରିବେଶକୁ ଆହୁରି ଆଧ୍ୟାତ୍ମିକ କରିଥାଏ।



# ସବୁଠାରୁ ଅଧିକ ସ୍ୱାସ୍ଥ୍ୟ ପାଇଁ ହିତକର ମୁଗ ଡାଲି



ଭାରତୀୟ ଖାଦ୍ୟରେ ଡାଲି ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ। ଡାଲିରୁ ଶରୀରକୁ ପ୍ରୋଟିନ୍, ଫାଇବର, ଆଇରନ୍, ଫୋଲେଟ୍, ମ୍ୟାଗ୍ନେସିୟମ୍ ଓ ପୋଟାସିୟମ୍ ଭଳି ଅନେକ ପୋଷକତତ୍ତ୍ୱ ମିଳିଥାଏ। ତେବେ ମୁଗ, ମସୁର, ହରଡ଼, ବୁଟ ଓ ଅନ୍ୟାନ୍ୟ ଡାଲି ମଧ୍ୟରୁ କେଉଁଟି ସ୍ୱାସ୍ଥ୍ୟ ପାଇଁ ଅଧିକ ଭଲ, ତାହା ନେଇ ସାଧାରଣତଃ ଦ୍ୱନ୍ଦ୍ୱ ରହିଥାଏ। ମୁଗ ଡାଲି ଅଧିକ ସ୍ୱାସ୍ଥ୍ୟକର: ଡାକ୍ତରଙ୍କ କହିବା ଅନୁଯାୟୀ, ମୁଗ ଡାଲିରେ ପୋଷଣ ମୂଲ୍ୟ ଓ ପାଚନ କ୍ଷମତା ଆଧାରରେ ସବୁଠାରୁ ଅଧିକ। ଏହାର ପ୍ରମୁଖ କାରଣ ହେଉଛି ଏଥିରେ ଭଲ ପରିମାଣର ପ୍ରୋଟିନ୍ ଓ ଫାଇବର୍ ରହିଛି। ଅନ୍ୟ କିଛି ଡାଲି ତୁଳନାରେ ଏହା ହାଲୁକା ଏବଂ ସାଧାରଣତଃ ହଜମ କରିବା ସହଜ। ତେଣୁ ପାଚନ ସମସ୍ୟା ଥିବା ଲୋକଙ୍କ ପାଇଁ ମୁଗ ଡାଲି ଏକ ଭଲ ବିକଳ୍ପ ଅଟେ। ମସୁର ଡାଲି : ଏଥିରେ ପ୍ରୋଟିନ୍ ଓ ଫାଇବର୍ ସହ ଆଇରନ୍, ଫୋଲେଟ୍ ଓ ପୋଟାସିୟମ୍ ଭଳି ଜରୁରୀ ପୋଷକତତ୍ତ୍ୱ ରହିଛି। ଭାତ, ରୁଟି କିମ୍ବା ପନିପରିବା ସହ ଏହାକୁ ସହଜରେ ଖାଇହେବ। ବୁଟ ଡାଲି : ବୁଟ ଡାଲିରେ ପ୍ରୋଟିନ୍, ଫାଇବର, ଆଇରନ୍ ଓ ଫୋଲେଟ୍ ରହିଛି। ତେବେ କିଛି ଲୋକ ବୁଟ ଡାଲି ଖାଇବା ପରେ ଗ୍ୟାସ୍ କିମ୍ବା ପେଟ ଫୁଲିବା ଭଳି ସମସ୍ୟା ଅନୁଭବ କରନ୍ତି। ରାଜମା : ଥିରେ ପ୍ରୋଟିନ୍, ଫାଇବର, ଆଇରନ୍ ଓ ପୋଟାସିୟମ୍ ରହିଛି। ତେବେ ଏହା ଖାଇବା ପରେ କିଛି ଲୋକଙ୍କର ଗ୍ୟାସ୍ ସମସ୍ୟା ହୋଇଥାଏ। ତେଣୁ ରାଜମା ଭଲ ଭାବେ ରାନ୍ଧି ଖାଇବା ଆବଶ୍ୟକ। ବିରି ଡାଲି : ଏଥିରେ ପ୍ରୋଟିନ୍, ଫାଇବର, ଆଇରନ୍ ଓ ମ୍ୟାଗ୍ନେସିୟମ୍ ଭଳି ପୋଷକତତ୍ତ୍ୱ ରହିଛି। ତେବେ ଏହା ଅନ୍ୟ କିଛି ଡାଲି ତୁଳନାରେ ଭାରୀ ହୋଇପାରେ ଏବଂ ଦୁର୍ବଳ ପାଚନଶକ୍ତି ଥିବା ଲୋକଙ୍କ ପାଇଁ ଏହା ଖାଇବା ଠିକ୍ ନୁହେଁ। ଡାକ୍ତରଙ୍କ ଏହି ମୂଲ୍ୟାୟନର ଅର୍ଥ ନୁହେଁ ଯେ ମୁଗ ଡାଲି ବ୍ୟତୀତ ଅନ୍ୟ ଡାଲି ସ୍ୱାସ୍ଥ୍ୟକର ନୁହେଁ। ପ୍ରତ୍ୟେକ ଡାଲିର ପୋଷକ ଗୁଣ ଅଲଗା ଏବଂ ଜଣେ ବ୍ୟକ୍ତିଙ୍କ ପାଇଁ କେଉଁ ଡାଲି ଭଲ ହେବ, ତାହା ତାଙ୍କ ବୟସ, ଶାରୀରିକ ଆବଶ୍ୟକତା, ଖାଦ୍ୟାଭ୍ୟାସ ଓ ପାଚନ କ୍ଷମତା ଉପରେ ନିର୍ଭର କରେ। ତେଣୁ ପ୍ରତିଦିନ କେବଳ ଗୋଟିଏ ପ୍ରକାର ଡାଲି ଖାଇବା ବଦଳରେ ମୁଗ, ମସୁର, ଚଣା ଓ ବିରି ଭଳି ବିଭିନ୍ନ ଡାଲିକୁ ଖାଦ୍ୟରେ ସାମିଲ କରିବା ଭଲ ବିକଳ୍ପ ହୋଇପାରେ।

# ଏଆଇ ସାହାଯ୍ୟରେ ହୃତ୍ପିଣ୍ଡର ଯତ୍ନ



ଆଜିକାଲି ସ୍ମାର୍ଟୱାଚ୍ଠାରୁ ଆରମ୍ଭ କରି ବିଭିନ୍ନ ଡିଭାଇସ୍ କୃତ୍ରିମ ବୁଦ୍ଧିମତ୍ତା ବା ଏଆଇ ସାହାଯ୍ୟରେ ଆମ ଶରୀରର ପ୍ରତିଟି ଗତିବିଧି ଉପରେ ନଜର ରଖୁଛି। ନିଦଠାରୁ ହୃଦ୍ ସ୍ପନ୍ଦନ ପର୍ଯ୍ୟନ୍ତ ଏହା ମାପି ପାରୁଛି। ସ୍ୱାସ୍ଥ୍ୟଗତ ସମସ୍ୟା ଜାଣିବା ପାଇଁ ଲୋକେ ଏବେ ଏଆଇ ବଟ୍ଗୁଡ଼ିକର ସାହାଯ୍ୟ ନେଉଛନ୍ତି। ତେବେ ହୃତ୍ପିଣ୍ଡ ଭଳି ସମ୍ବେଦନଶୀଳ ଅଙ୍ଗ ପାଇଁ ଆମେ କେତେ ଦୂର ଏହି ଏଆଇ ଉପକରଣ ଉପରେ ଭରସା କରିବା ଉଚିତ, ସେ ସମ୍ପର୍କରେ ଜାଣିବା ଜରୁରି।

ବିଶେଷଜ୍ଞଙ୍କ ମତରେ, ଏଆଇ କେତେକ ନିର୍ଦ୍ଦିଷ୍ଟ କ୍ଷେତ୍ରରେ ସମ୍ଭାବ୍ୟ ବିପଦକୁ ଚିହ୍ନିବାରେ ସାହାଯ୍ୟ କରିପାରେ, ହେଲେ କେବେ ମଧ୍ୟ କ୍ଲିନିକାଲ୍ ବିଚାରର ବିକଳ୍ପ ହୋଇପାରିବ ନାହିଁ। ହୃତ୍ପିଣ୍ଡର ଯତ୍ନ କ୍ଷେତ୍ରରେ ଏଆଇର ସବୁଠାରୁ ବଡ଼ ସହାୟତା ହେଉଛି, ଓ୍ୱାରେବଲ୍ ଟେକ୍ନୋଲୋଜି ବା ସ୍ମାର୍ଟ ୱାଚ୍। ରାତି ୨ଟାରେ ଯଦି କାହାର ହୃଦ୍ସ୍ପନ୍ଦନ ଅନିୟମିତ ହୁଏ, ତେବେ ଏହାକୁ ଘଣ୍ଟା ଧରିପାରେ, ଯାହା କ୍ଲିନିକ୍ରେ ଜଣାପଡ଼ି ନଥାଏ। ଏହା ପ୍ରାରମ୍ଭିକ ଅବସ୍ଥାରେ ରୋଗ ଧରିବାରେ ବଡ଼ ସାହାଯ୍ୟ କରିଥାଏ। ତେବେ ଏହି ୱାଚ୍ଗୁଡ଼ିକ ଦ୍ୱାରା ମିଳୁଥିବା ସତର୍କ ସୂଚନା କୌଣସି ପକ୍କା ରୋଗ ନିରୂପଣ ନୁହେଁ। ଏହା ଡାକ୍ତରଙ୍କ ପାଖକୁ ଯାଇ ପରୀକ୍ଷା କରାଇବା ପାଇଁ ସତର୍କ କରାଇଥାଏ। ଏଆଇ କେବଳ ରୋଗୀ ନୁହେଁ, ବରଂ ଡାକ୍ତରଙ୍କ କାମକୁ ମଧ୍ୟ ସହଜ କରୁଛି। କ୍ଲିନିକ୍ଗୁଡ଼ିକରେ କନ୍ଭର୍ସେସନାଲ୍ ଏଆଇ ଟୁଲ୍ଗୁଡ଼ିକ ରିଅଲ୍-ଟାଇମ୍ରେ ରୋଗୀଙ୍କ ନୋଟ୍ ପ୍ରସ୍ତୁତ କରିବାରେ ସାହାଯ୍ୟ କରୁଛି। ଫଳରେ ଡାକ୍ତରମାନେ ଲେଖାଲେଖି କରିବାରେ ସମୟ ନଷ୍ଟ ନ କରି ରୋଗୀଙ୍କ ପରୀକ୍ଷା ଓ ଚିକିତ୍ସା ଉପରେ ଅଧିକ ଧ୍ୟାନ ଦେଇପାରୁଛନ୍ତି। ସେହିପରି ରେଡିଓଲୋଜି ବିଭାଗର ସ୍କାନ୍ରୁ ସମସ୍ୟା ଚିହ୍ନିବାରେ ମଧ୍ୟ ଏହା ସହାୟକ ହେଉଛି। ଏସବୁ ସୁବିଧା ସତ୍ତ୍ୱେ, ଡାକ୍ତର ସ୍ପଷ୍ଟ କରିଛନ୍ତି ଯେ, ଏଆଇ କେବଳ ଏକ ସହାୟକ ଉପକରଣ ଓ ଏହା ଜଣେ ଡାକ୍ତରଙ୍କ କ୍ଲିନିକାଲ୍ ଜ୍ଞାନର ବିକଳ୍ପ ହୋଇପାରିବ ନାହିଁ।

# ହାଡ଼ ଦୁର୍ବଳ ହେବାର କାରଣ ଓ ତା'ର ନିରାକରଣ

ବୟସ ବଢ଼ିବା ସହିତ ହାଡ଼ର ଘନତା ଧୀରେ ଧୀରେ କମିବା ସ୍ୱାଭାବିକ। ତେବେ ବୟସ ବୃଦ୍ଧି ସହିତ ଖରାପ ଖାଦ୍ୟାଭ୍ୟାସ, ଶାରୀରିକ ପରିଶ୍ରମର ଅଭାବ, କ୍ୟାଲସିୟମ ଓ ଭିଟାମିନ୍ ଡିର ଅଭାବ ଏବଂ କିଛି ସ୍ୱାସ୍ଥ୍ୟଗତ ସମସ୍ୟା ଯୋଗୁଁ ହାଡ଼ ଅଧିକ ଦୁର୍ବଳ ହୋଇଯାଏ। ତେଣୁ ହାଡ଼ର ସ୍ୱାସ୍ଥ୍ୟ ପ୍ରତି ଆରମ୍ଭରୁ ଯତ୍ନବାନ ହେବା ଆବଶ୍ୟକ। ହାଡ଼ରେ ଥିବା ଖଣିଜ ପଦାର୍ଥର ପରିମାଣକୁ ହାଡ଼ ଘନତ୍ୱ କୁହାଯାଏ। ଏଥିରେ ମୁଖ୍ୟତଃ କ୍ୟାଲସିୟମ ଓ ଫସଫରସ୍ ରହିଥାଏ। ହାଡ଼ର ଘନତ୍ୱ ଭଲ ଥିଲେ ଏହା ମଜବୁତ ରହେ। ଘନତ୍ୱ କମିଗଲେ ହାଡ଼ ଦୁର୍ବଳ ହୋଇ ଭାଙ୍ଗିବାର ଆଶଙ୍କା ବଢ଼ିଯାଏ। କମ୍ ହାଡ଼ ଘନତ୍ୱର ଏକ ଅବସ୍ଥାକୁ ଅଷ୍ଟିଓପେନିଆ କୁହାଯାଉଥିବା ବେଳେ ଅଧିକ ମାତ୍ରାରେ ଘନତ୍ୱ କମିଲେ ଅଷ୍ଟିଓପୋରେସିସ୍ ହୋଇପାରେ।

ଡାକ୍ତରଙ୍କ କହିବା ଅନୁଯାୟୀ, ହାଡ଼ ଦୁର୍ବଳ ହେବାର କାରଣ ସମସ୍ତଙ୍କ ପାଇଁ ସମାନ ନୁହେଁ। ବୟସ ବୃଦ୍ଧି ଏହାର ଏକ ପ୍ରମୁଖ କାରଣ। ଦୀର୍ଘ ସମୟ ଧରି ଶାରୀରିକ କାର୍ଯ୍ୟକଳାପ ନକରିବା, ଖାଦ୍ୟରେ ପର୍ଯ୍ୟାପ୍ତ କ୍ୟାଲସିୟମ ଓ ଭିଟାମିନ୍ ଡି ନ ରହିବା, ଧୂମପାନ ଏବଂ ଅତ୍ୟଧିକ ମଦ୍ୟପାନ ମଧ୍ୟ ହାଡ଼ ଉପରେ ପ୍ରଭାବ ପକାଇପାରେ। କମ୍ ଓଜନ, କିଡ୍ନି ଅସୁବିଧା ଭଳି କିଛି ରୋଗ ଏବଂ ଦୀର୍ଘ ସମୟ ଧରି କେତେକ ଔଷଧର ବ୍ୟବହାର ମଧ୍ୟ ହାଡ଼ ଘନତ୍ୱ କମାଇଦେଇଥାଏ। ବିଶେଷକରି ମହିଳାଙ୍କ କ୍ଷେତ୍ରରେ ହରମୋନର ପରିବର୍ତ୍ତନ ହେତୁ ଅଷ୍ଟିଓପୋରେସିସ୍ ର ବିପଦ ବଢ଼ିଯାଏ। ହାଡ଼କୁ ସୁସ୍ଥ ଓ ମଜବୁତ ରଖିବା ପାଇଁ ଖାଦ୍ୟରେ କ୍ୟାଲସିୟମ ଓ ଭିଟାମିନ୍ ଡିଯୁକ୍ତ ଖାଦ୍ୟ ସାମିଲ କରିବା ଜରୁରୀ। କ୍ଷୀର ଓ କ୍ଷୀରଜାତୀୟ ଖାଦ୍ୟ, କିଛି ସବୁଜ ପନିପରିବା ଏବଂ କ୍ୟାଲସିୟମଯୁକ୍ତ ଅନ୍ୟ ଖାଦ୍ୟ ଉପକାରୀ ହୋଇଥାଏ। ନିୟମିତ ଶାରୀରିକ କାର୍ଯ୍ୟକଳାପ ମଧ୍ୟ ହାଡ଼ ସ୍ୱାସ୍ଥ୍ୟ ପାଇଁ ଗୁରୁତ୍ୱପୂର୍ଣ୍ଣ। ଚାଲିବା, ଓଜନ ବହନକାରୀ ବ୍ୟାୟାମ ଓ ଡାକ୍ତରଙ୍କ ପରାମର୍ଶରେ ଶକ୍ତିବର୍ଦ୍ଧକ ବ୍ୟାୟାମ କରିବା ହାଡ଼ର ଶକ୍ତି ବଜାୟ ରଖିବାରେ ସହାୟକ ହୋଇପାରେ। ଲଗାତାର ପିଠି ଯନ୍ତ୍ରଣା, ସମୟ ସହିତ ଉଚ୍ଚତା କମିବା କିମ୍ବା ସାମାନ୍ୟ ଆଘାତରେ ବାରମ୍ବାର ହାଡ଼ ଭାଙ୍ଗିବା ଭଳି ସମସ୍ୟା ଦେଖାଦେଲେ ଡାକ୍ତରଙ୍କ ପରାମର୍ଶ ନେବା ଆବଶ୍ୟକ। ଆବଶ୍ୟକ ହେଲେ ହାଡ଼ର ଘନତ୍ୱ ପରୀକ୍ଷା କରାଇ ହାଡ଼ର ସ୍ୱାସ୍ଥ୍ୟ ସମ୍ପର୍କରେ ଜାଣିହେବ।

# ଦୈନନ୍ଦିନ ଚାଲିବା ଦ୍ୱାରା ମସ୍ତିଷ୍କ ରହେ ସୁସ୍ଥ

ପ୍ରତିଦିନ ସକାଳେ କିମ୍ବା ରାତିରେ ଚାଲିବା ଅଭ୍ୟାସ କରୁଛନ୍ତି କି? ଆପଣଙ୍କ ଦୈନନ୍ଦିନର ପାଦଚଲା କେବଳ ଓଜନ ହ୍ରାସ କରିବାରେ ସାହାଯ୍ୟ କରେ ନାହିଁ, ବରଂ ଏହା ଆପଣଙ୍କ ମସ୍ତିଷ୍କ ପାଇଁ ମଧ୍ୟ ଲାଭଦାୟକ। ସାଧାରଣ ଚାଲିବା ଅଭ୍ୟାସ ମଧ୍ୟ ଆପଣଙ୍କ ସ୍ନାୟୁଗତ ସ୍ୱାସ୍ଥ୍ୟକୁ ସୁଦୃଢ଼ କରିଥାଏ। ଚାଲିବାକୁ ଅନେକ କମ୍ ପରିଶ୍ରମର କାମ ବୋଲି ଭାବିଥାଆନ୍ତି, କିନ୍ତୁ ଯେତେବେଳେ ଆପଣ ଚାଲନ୍ତି, ସେତେବେଳେ ମସ୍ତିଷ୍କ ଭିତରେ ବହୁତ କିଛି କାର୍ଯ୍ୟ ଚାଲୁ ରହିଥାଏ। ନ୍ୟୁରୋଲୋଜିଷ୍ଟଙ୍କ କହିବା ଅନୁଯାୟୀ, ଯେତେବେଳେ ଆପଣ ଚାଲନ୍ତି ଆପଣଙ୍କ ମସ୍ତିଷ୍କ ଏକ ସମୟରେ ଅନେକ କାମ କରିଥାଏ। ଯେପରି ଆପଣଙ୍କ ଆଖି, କାନ, ମାଂସପେଶୀ ଓ ଗଣ୍ଠିରୁ ସୂଚନା ଗ୍ରହଣ କରିଥାଏ। ପାଦ କେଉଁଠି ପଡ଼ିବ ତାହା ସ୍ଥିର କରିବା, ଭାରସାମ୍ୟ ରକ୍ଷା କରିବା ଓ ଗତି ନିୟନ୍ତ୍ରଣ କରିବାରେ ମସ୍ତିଷ୍କ କାମ କରେ। ରାସ୍ତାରେ ହଠାତ୍ କିଛି ଆସିଗଲେ ତୁରନ୍ତ ପ୍ରତିକ୍ରିୟା ଦେବାରେ ସାହାଯ୍ୟ କରେ। ଏହାଛଡ଼ା, ନିୟମିତ ଚାଲିବା ଦ୍ୱାରା ହୃତ୍ ?ପିଣ୍ଡ ଭଲ ରହିବା ସହିତ ରକ୍ତଚାପ, ରକ୍ତ ଶର୍କରା ଓ ଓଜନ ନିୟନ୍ତ୍ରଣରେ ରହିଥାଏ। ଏହି ସବୁ କାର୍ଯ୍ୟ ମସ୍ତିଷ୍କର ରକ୍ତନଳୀଗୁଡ଼ିକୁ ମଧ୍ୟ ସୁସ୍ଥ ରଖିବାରେ ସାହାଯ୍ୟ କରିଥାଏ। ଯେଉଁମାନେ ଦିନସାରା ବସି କାମ କରନ୍ତି ଓ ଶାରୀରିକ ପରିଶ୍ରମ କରନ୍ତି ନାହିଁ, ସେମାନେ ପ୍ରାୟତଃ ମାନସିକ କ୍ଳାନ୍ତି, ଏକାଗ୍ରତାର ଅଭାବ କିମ୍ବା ପୂର୍ବପରି ଚଞ୍ଚଳ ନ ରହିବା ଭଳି ସମସ୍ୟାର ସମ୍ମୁଖୀନ ହୋଇଥାଆନ୍ତି। ତେଣୁ ଚାଲିବା ଦ୍ୱାରା ଏହି ସବୁ ସମସ୍ୟା ଦୂର ହୋଇଥାଏ। ପ୍ରତିଦିନ ଚାଲିବା ଦ୍ୱାରା ସ୍ମରଣ ଶକ୍ତିରେ ଉନ୍ନତି ଆସିଥାଏ ଓ ନିଷ୍ପତ୍ତି ନେବା ଭଳି ଜ୍ଞାନଗତ କ୍ଷମତା ବୃଦ୍ଧି ପାଇଥାଏ। ଏହା ଶିକ୍ଷା ଓ ସ୍ମୃତି ଶକ୍ତି ସହିତ ଜଡ଼ିତ ମସ୍ତିଷ୍କର କାର୍ଯ୍ୟକୁ ପ୍ରଭାବିତ କରିଥାଏ। ଚାଲିବା ସିଧାସଳଖ ସ୍ମୃତିଶକ୍ତି ବଢ଼ାଇବା ସହିତ ଜଡ଼ିତ ନଥିଲେ ମଧ୍ୟ ବୟସ ବଢ଼ିବା ସଙ୍ଗେ ସଙ୍ଗେ ମସ୍ତିଷ୍କକୁ ସୁସ୍ଥ ରଖିବାରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ଯଦି ଚାଲିବା ଶୈଳୀରେ ହଠାତ୍ ପରିବର୍ତ୍ତନ ହେତୁ ବାରମ୍ବାର ପଡ଼ିଯିବା କିମ୍ବା ଅସ୍ଥିରତା ଭଳି ସମସ୍ୟା ଦେଖାଦିଏ, ତେବେ ନ୍ୟୁରୋଲୋଜିଷ୍ଟଙ୍କ ପରାମର୍ଶ ନେବା ଉଚିତ।



# ଭଲ ନିଦ ପାଇଁ ୧୦-୩-୨-୧-୦ ନିୟମକୁ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ପରାମର୍ଶ

ସୁସ୍ଥ ଓ ନିରାମୟ ରହିବା ପାଇଁ ଆବଶ୍ୟକ ମୁତାବକ ସୁନିଦ୍ରା ମଧ୍ୟ ଜରୁରି। ଏଥିପାଇଁ ୧୦-୩-୨-୧-୦ ନିୟମ ପାଳନ କରିବାକୁ ବର୍ତ୍ତମାନର ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ପରାମର୍ଶ ଦେଉଛନ୍ତି। ଏବର ଜୀବନଶୈଳୀକୁ ଅନୁଧ୍ୟାନ କରି ସ୍ୱାସ୍ଥ୍ୟ ବିଶେଷଜ୍ଞ ଡକ୍ଟର ଜେସ୍ ଆଣ୍ଡ୍ରାଡେ ଏହି ନିୟମ ଅନୁସରଣ କରିବାକୁ ପରାମର୍ଶ ଦେଇଥିଲେ। ଏବେ ଏହା ବିଶ୍ୱବ୍ୟାପୀ ଲୋକପ୍ରିୟ ହେବାରେ ଲାଗିଛି। ଶୋଇବାର ୧୦ ଘଣ୍ଟା ପୂର୍ବରୁ କ୍ୟାଫିନ୍ ବନ୍ଦ ରଖନ୍ତୁ- ଯଦି ଆପଣ ରାତି ୧୦ଟା ସୁଦ୍ଧା ଶୋଇବା ଯୋଜନା କରୁଛନ୍ତି, ତେବେ ମଧ୍ୟାହ୍ନ ପୂର୍ବରୁ ଶେଷ କପ୍ ଚା' ବା କଫି ପିଅନ୍ତୁ। ଏକ ଉତ୍ତେଜକ ଭାବରେ, କ୍ୟାଫିନ୍ ଶରୀରର ଶକ୍ତି ସ୍ତର ବୃଦ୍ଧି କରେ ଏବଂ ଅଧିକ ଜାଗ୍ରତ ଅନୁଭବ କରାଏ। ତେଣୁ ସକାଳେ ସୀମିତ ପରିମାଣର କ୍ୟାଫିନ୍ ଲାଭଦାୟକ। ଏହାର ପ୍ରଭାବ ଛଅ ଘଣ୍ଟା ପର୍ଯ୍ୟନ୍ତ ରହିଥାଏ। ତେଣୁ ସକାଳେ ପ୍ରଥମେ ଉଜ୍ଜ୍ୱଳ ସୂର୍ଯ୍ୟକିରଣ ଓ ବ୍ୟାୟାମ ହିଁ ଭଲ। କ୍ୟାଫିନ୍ ବଦଳରେ ପାଣି, ହର୍ବାଲ୍ ଚା', ଟାର୍ଟ ଚେରି ରସ ଭଳି ଅଧିକ ହାଇଡ୍ରେଟିଂ ପାନୀୟର ବିକଳ୍ପ ରହିଛି। ଶୋଇବାର ୩ ଘଣ୍ଟା ଆଗରୁ ଖାଦ୍ୟ କିମ୍ବା ମଦ୍ୟପାନକୁ ନା-ଶୋଇବାର ଅତି କମ୍ରେ ତିନି ଘଣ୍ଟା ପୂର୍ବରୁ ଦିନର ଶେଷ ଖାଦ୍ୟ ଖାଇବା ଉଚିତ। ଶୋଇବା ପୂର୍ବରୁ ଖାଇବା ଦ୍ୱାରା ରାତିରେ ବାରମ୍ବାର ନିଦ ଭାଙ୍ଗିପାରେ। ସେହିପରି ମଦ୍ୟପାନ ଆପଣଙ୍କୁ ପ୍ରଥମେ ନିଦ୍ରା ଅନୁଭବ କରାଇଲେ ବି ନିଦଚକ୍ରରେ ବାଧା ସୃଷ୍ଟିକରେ। ତା' ସହିତ ଆଖିର ଦ୍ରୁତଗତି ନିଦରେ ବ୍ୟାଘାତ ସୃଷ୍ଟିକରେ। ସେହିପରି ଶୋଇବା ପୂର୍ବରୁ ଖାଇଲେ ଶରୀର ଭିତରେ ଥିବା ଜାଗରଣ କ୍ଷମତା ନିଦ ସହ ସମନ୍ୱୟ ରକ୍ଷା କରିପାରେ ନାହିଁ। ଶୋଇବାର ୨ ଘଣ୍ଟା ପୂର୍ବରୁ କାମ ବନ୍ଦ- ଶୋଇବାର ଦୁଇ ଘଣ୍ଟା ପୂର୍ବରୁ କୌଣସି କାର୍ଯ୍ୟ କରନ୍ତୁ ନାହିଁ। ମାନସିକ ଭାବେ ଉତ୍ତେଜକ କାର୍ଯ୍ୟକଳାପ ଆପଣଙ୍କୁ ଅଧିକ ସତର୍କ ରଖେ, ଫଳରେ ଶୋଇବାରେ ସମସ୍ୟା ହୋଇପାରେ। ସେହିପରି ଯଦି ସନ୍ଧ୍ୟାରେ ଆପଣ ଫୋନ୍ରେ କିଛି କାମ କରନ୍ତି, ତେବେ ଏହା ମଧ୍ୟ ବିଶେଷ ସମସ୍ୟା ସୃଷ୍ଟି କରିପାରେ। ଶୋଇବାର ୧ ଘଣ୍ଟା ଆଗରୁ ସ୍କ୍ରିନ୍ ବନ୍ଦ- ଶୋଇବାର ଘଣ୍ଟାକ ପୂର୍ବରୁ ଫୋନ୍, ଟିଭି ଓ କମ୍ପ୍ୟୁଟର ସ୍କ୍ରିନ୍ ଦେଖନ୍ତୁ ନାହିଁ। ଏସବୁର କୃତ୍ରିମ ଆଲୋକ ଆପଣଙ୍କ ଉପରେ ନକାରାତ୍ମକ ପ୍ରଭାବ ପକାଇଥାଏ। ଆପଣଙ୍କ ମନ ଓ ଶରୀରକୁ ନିଦ ପାଇଁ ପ୍ରସ୍ତୁତ କରିବା ପାଇଁ କୌଣସି ବହି ପଢ଼ିପାରନ୍ତି। ରୁଟିନ୍ରେ ଘୁମେଇବା ରଖନ୍ତୁ ନାହିଁ- ଯେକୌଣସି ସମୟରେ ବି ଘୁମେଇବା ଆମ ନିଦଚକ୍ରକୁ ବିଚଳିତ କରିଥାଏ। ଏହାର ଦୀର୍ଘକାଳୀନ ଖରାପ ପ୍ରଭାବ ରହିଛି।



# ଉତ୍କଳ ଦୀପିକା

ଭୁବନେଶ୍ୱର, ୭ ଅକ୍ଟୋବର, ବୁଧବାର, ୨୦୨୬

RNI Regd. No. : 52640/94
Postal Regd. No. : BN/60/25-27


### ଚଳଚଞ୍ଚଳ କାକଟପୁର ମା' ମଙ୍ଗଳାଙ୍କ ପୀଠ

## ନିଶା ମଙ୍ଗଳବାର ଓଷା ପାଇଁ ଜମିଛି ଶ୍ରଦ୍ଧାଳୁଙ୍କ ଭିଡ଼



**ପୁରୀ, ୬/୧୦ ନ୍ୟୁଜ ବ୍ୟୁରୋ**
ଆରମ୍ଭ ହୋଇଯାଇଛି ଶାରଦୀୟ ପାର୍ବଣ ପୂଜା । ଏହି ଅବସରରେ ରାଜ୍ୟର ସମସ୍ତ ଶକ୍ତିପୀଠ ଏବେ ଚଳଚଞ୍ଚଳ ହୋଇଉଠିଥିବା ବେଳେ, ପ୍ରସିଦ୍ଧ କାକଟପୁର ବାସିନୀ ମା' ମଙ୍ଗଳାଙ୍କ ପୀଠରେ ଆରମ୍ଭ ହୋଇଛି ନିଶା ମଙ୍ଗଳବାର ଓଷା । ଦ୍ୱିତୀୟ ମଙ୍ଗଳବାର ପୀଠରେ ଲାଗିଛି ଶ୍ରଦ୍ଧାଳୁଙ୍କ ଭିଡ଼ । ଆଶ୍ୱିନ ମାସର ପ୍ରଥମ ମଙ୍ଗଳବାର ଠାରୁ କାକଟପୁର ବାସିନୀ ମା' ମଙ୍ଗଳା ପୀଠରେ ଆରମ୍ଭ ହୋଇଛି ନିଶା ମଙ୍ଗଳବାର ଓଷା। ବିଶେଷ କରି ସଧବା ମହିଳା ଏହି ଓଷାକୁ ଅତି ନିଷ୍ଠା ଓ ଭକ୍ତିଭାବର ସହ ପାଳନ କରିଥାନ୍ତି । ମାନସିକଧାରୀ ମହିଳା ମା'ଙ୍କ ପାଖରେ ଗୁଆ, ନଡ଼ିଆ ସମର୍ପଣ କରି ସଂକଳ୍ପପୂର୍ବକ ଏହି ଓଷା ଆରମ୍ଭ କରିଥାନ୍ତି । ଦିନସାରା ଉପାସ ରହି ନିଶାର୍ଦ୍ଧ ରାତିରେ ଘରେ ଘରେ ମା'ଙ୍କ ପ୍ରତିକୃତି ତିଆରି କରାଯାଇ ଖୁଲଣା ସୁନ୍ଦରୀ ବହି ପଢ଼ି ପୂଜା କରାଯାଇଥାଏ । ନିଜ ସନ୍ତାନ ଓ ପରିବାରର କଲ୍ୟାଣ ପାଇଁ ମା'ଙ୍କ ପାଦତଳେ ସମର୍ପିତ ହୋଇଥାନ୍ତି ଶ୍ରଦ୍ଧାଳୁ। ଦ୍ୱିତୀୟ ମଙ୍ଗଳବାର ଅବସରରେ ମା'ଙ୍କ ପୀଠରେ ମହିଳା ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା। ଆଶ୍ୱିନ ମାସର ଚାରୋଟି ମଙ୍ଗଳବାରରେ ରାଜ୍ୟର କୋଣ ଅନୁକୋଣରୁ ଅନେକ ମାନସିକଧାରୀ ସଧବା ମହିଳା କାକଟପୁରକୁ ଧାଇଁଆସିଥାନ୍ତି। ପାର୍ବଣ ସମୟରେ କାଶତଣ୍ଡି ଫୁଲର ସମ୍ଭାର, ନିଶା ମଙ୍ଗଳବାର ଓଷା ଏବଂ ମା'ଙ୍କ ଷୋଡ଼ଶ ଉପଚାର ପୂଜାନୀତି ଦେଖିବା ପାଇଁ ଭକ୍ତଙ୍କ ଭିଡ଼ ଜମିଥାଏ। ମା'ଙ୍କ ପାଖରେ ଅଖଣ୍ଡ ଦୀପ ଜଳାଇ ନିଜର ମାନସିକ ପୂରଣ କରିବାର ପୁରାତନ ପରମ୍ପରା ରହିଛି। ଶାରଦୀୟ ପାର୍ବଣର ଏହି ପବିତ୍ର ବାତାବରଣରେ ମା' ମଙ୍ଗଳାଙ୍କ ପୀଠରେ ଭକ୍ତି ଓ ଶ୍ରଦ୍ଧାର ଏକ ସ୍ୱତନ୍ତ୍ର ଦୃଶ୍ୟ ଦେଖିବାକୁ ମିଳିଛି ।

## ପୁରୀରେ ହବିଷ୍ୟାଳୀ ବ୍ରତ ପାଇଁ ଅନ୍‌ଲାଇନ୍ ପଞ୍ଜିକରଣ ଆରମ୍ଭ



**ପୁରୀ, ୬/୧୦ ନ୍ୟୁଜ ବ୍ୟୁରୋ**
ମଙ୍ଗଳବାର ଠାରୁ ହବିଷ୍ୟାଳୀ ବ୍ରତ ପାଇଁ ଅନଲାଇନ୍ ପଞ୍ଜିକରଣ ଆରମ୍ଭ ହୋଇଯାଇଛି । ଚଳିତ ବର୍ଷ ହବିଷ୍ୟାଳୀ ବ୍ରତ ବା ରାଇଦାମୋଦର ବ୍ରତ ଅକ୍ଟୋବର ୨୬ରୁ ଆରମ୍ଭ ହୋଇ ନଭେମ୍ବର ୨୪ ତାରିଖ ପର୍ଯ୍ୟନ୍ତ ଚାଲିବ । ତେଣୁ ହବିଷ୍ୟାଳୀ ମାଆମାନଙ୍କ ସୁରକ୍ଷିତ ରହଣି ପାଇଁ ଶ୍ରୀକ୍ଷେତ୍ର ପୁରୀରେ ବ୍ୟାପକ ପ୍ରସ୍ତୁତି କରିଛି ଜିଲ୍ଲା ପ୍ରଶାସନ । ସେପଟେ ବିନା ପଞ୍ଜିକରଣରେ ଅପ୍ରତ୍ୟାଶିତ ଭାବେ ହବିଷ୍ୟାଳୀ ଶିବିରକୁ ଆସୁଥିବା ମହିଳାଙ୍କୁ ରଖାଯିବ ନାହିଁ ବୋଲି ସୂଚନା ଦେଇଛନ୍ତି ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା । ଚଳିତ ବର୍ଷ କେବଳ ଅନଲାଇନ ମାଧ୍ୟମରେ ଆବେଦନ ପତ୍ର ଗ୍ରହଣ କରାଯିବ । ଏହି ଆବେଦନ ପ୍ରକ୍ରିୟା ମଙ୍ଗଳବାର ଦିନ ୧୦ଟାରୁ ଆରମ୍ଭ ହୋଇଛି । https://edistrict.odisha.gov.in ମାଧ୍ୟମରେ ଅନଲାଇନ ପଞ୍ଜିକରଣ କରିପାରିବେ ହିତାଧିକାରୀ । ଏହି ପଞ୍ଜିକରଣ ଧାର୍ଯ୍ୟ ଲକ୍ଷ୍ୟ ପୂରଣ ପର୍ଯ୍ୟନ୍ତ ଜାରି ରହିବ ବୋଲି ପୁରୀ ଜିଲ୍ଲାପାଳ ସୂଚନା ଦେଇଛନ୍ତି । ଅକ୍ଟୋବର ୨୬ରୁ ହବିଷ୍ୟାଳୀ ବ୍ରତ ଆରମ୍ଭ ହେଉଥିବାରୁ ସମସ୍ତ ପ୍ରସ୍ତୁତିକୁ ଚୂଡ଼ାନ୍ତ କରିବାକୁ ସମସ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଚଳିତ ବର୍ଷ ବୃନ୍ଦାବତୀ ନିବାସ, ମୋଚି ସାହି କଲ୍ୟାଣ ମଣ୍ଡପ ଓ ରେଲୱେ ଟୁରିଷ୍ଟ କମ୍ପ୍ଲେକ୍ସରେ ହବିଷ୍ୟାଳୀ ମାଆମାନଙ୍କୁ ରଖାଯିବ । ସେମାନଙ୍କ ରହଣି ସହ ପ୍ରାତଃରୁ ବୃନ୍ଦାବତୀ ପୂଜା, ମନ୍ଦିର ଦର୍ଶନ, ମହାପ୍ରସାଦ ସେବନ, ଭଜନ କୀର୍ତ୍ତନ ଇତ୍ୟାଦିର ବ୍ୟବସ୍ଥା କରାଯାଇଛି। ଆବେଦନକାରୀ ଶାରୀରିକ ଓ ମାନସିକ ଭାବେ ସୁସ୍ଥ ନିହାତି ଆବଶ୍ୟକ। ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା କହିଛନ୍ତି, '୭୦ ବର୍ଷ ବୟସ ପର୍ଯ୍ୟନ୍ତ ବିଧବା ଓ ୫୦ରୁ ୭୦ ବର୍ଷ ବୟସର ବିବାହିତ ମହିଳା କେବଳ ଆବେଦନ କରିପାରିବେ । ନୂତନ ଆବେଦନକାରୀଙ୍କୁ ପ୍ରାଧାନ୍ୟ ଦିଆଯିବ। ଅନଲାଇନରେ ପଞ୍ଜିକରଣ କରି ଯାଞ୍ଚ ପରେ ଯୋଗ୍ୟ ବିବେଚିତ ହବିଷ୍ୟାଳୀ ମାଆମାନଙ୍କୁ ସେମାନଙ୍କ ରହଣି ସ୍ଥାନ ଓ କେତେ ତାରିଖରେ ପହଞ୍ଚିବେ, ସେମାନଙ୍କ ପଞ୍ଜିକୃତ କରିଥିବା ମୋବାଇଲ ନମ୍ବର ମାଧ୍ୟମରେ ସୂଚନା ଦିଆଯିବ । ଏହି ସୂଚନା ଥିବା ରସିଦର କପି ସହ ସମ୍ପୃକ୍ତ ଯୋଗ୍ୟ ହବିଷ୍ୟାଳୀ ମାଆ ଧାର୍ଯ୍ୟ ହବିଷ୍ୟାଳୀ କେନ୍ଦ୍ରରେ ପହଞ୍ଚିଲେ ରହଣି ବ୍ୟବସ୍ଥା କରାଯିବ । ବିନା ପଞ୍ଜିକରଣରେ ଅପ୍ରତ୍ୟାଶିତ ଭାବେ ହବିଷ୍ୟାଳୀ ଶିବିରକୁ ଆସୁଥିବା ଶ୍ରଦ୍ଧାଳୁମାନଙ୍କ ଅନୁରୋଧକୁ ଗ୍ରହଣ କରାଯିବ ନାହିଁ । ଶିବିରରେ ହିତାଧିକାରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଅସୁସ୍ଥ ଥିଲେ ପ୍ରବେଶ ଅନୁମତି ମିଳିବ ନାହିଁ ବୋଲି ପୁରୀ ଜିଲ୍ଲାପାଳ କହିଛନ୍ତି ।

### ଦିଲ୍ଲୀ ପୁଲିସକୁ ସୁପ୍ରିମକୋର୍ଟଙ୍କ ତାଗିଦ

## 'ମହିଳାଙ୍କ ମନରେ ନୁହେଁ, ଅପରାଧୀଙ୍କ ମନରେ ଭୟ ରହିବା ଦରକାର'

**ନୂଆଦିଲ୍ଲୀ, ୬/୧୦**
ଦିଲ୍ଲୀରେ ବଢୁଥିବା ଦୁଷ୍କର୍ମ ଓ ଯୌନ ନିର୍ଯାତନା ଘଟଣାକୁ ନେଇ ଚିନ୍ତା ପ୍ରକାଶ କରିଛନ୍ତି ସୁପ୍ରିମକୋର୍ଟ। ମହିଳାଙ୍କ ସୁରକ୍ଷାକୁ ନେଇ ଦିଲ୍ଲୀ ପୁଲିସ ଓ କେନ୍ଦ୍ର ସରକାରଙ୍କୁ ଅଧିକ ପ୍ରଭାବଶାଳୀ ପଦକ୍ଷେପ ନେବାକୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି ଶୀର୍ଷ ଅଦାଲତ । କୋର୍ଟ କହିଛନ୍ତି ଯେ, ରାଜଧାନୀରେ ପ୍ରତ୍ୟେକ ମହିଳା ସାର୍ବଜନୀନ ସ୍ଥାନ କିମ୍ବା ସାର୍ବଜନୀନ ପରିବହନରେ ଯାତାୟାତ କରିବା ସମୟରେ ନିଜକୁ ସୁରକ୍ଷିତ ଅନୁଭବ କରିବା ଦରକାର । ଦିଲ୍ଲୀ-ଏନସିଆରରେ ସାମ୍ପ୍ରତିକ ଦୁଷ୍କର୍ମ ଓ ଯୌନ ନିର୍ଯାତନା ଘଟଣାକୁ ନେଇ ସ୍ୱତଃପ୍ରବୃତ୍ତ ମାମଲାର ଶୁଣାଣି କରୁଥିବା ବିଚାରପତି ଜେବି ପାରଦିୱାଲାଙ୍କ ନେତୃତ୍ୱାଧୀନ ଖଣ୍ଡପୀଠ କହିଛନ୍ତି, ଦିଲ୍ଲୀର ପ୍ରତ୍ୟେକ ମହିଳା ରାତି ୧୦ଟାରେ ମଧ୍ୟ ମେଟ୍ରୋ କିମ୍ବା ରାସ୍ତାରେ ଯାତ୍ରା କରିବା ସମୟରେ ନିଜକୁ ସୁରକ୍ଷିତ ମନେ କରିବା ଉଚିତ । ଶୁଣାଣି ସମୟରେ କୋର୍ଟ ଅପରାଧୀଙ୍କ ମନରେ ଆଇନ ଓ ପୁଲିସର ଭୟ ସୃଷ୍ଟି କରିବା ଉପରେ ଗୁରୁତ୍ୱ ଦେଇଥିଲେ । ଅପରାଧ କଲେ କଠୋର ପରିଣାମ ଭୋଗିବାକୁ ପଡ଼ିବ ବୋଲି ଅପରାଧୀଙ୍କ ମନରେ ଭୟ ରହିବା ଆବଶ୍ୟକ ବୋଲି ଖଣ୍ଡପୀଠ ମତ ଦେଇଛନ୍ତି। ଅପରାଧ ରୋକିବା ପାଇଁ ଦିଲ୍ଲୀ ପୁଲିସକୁ ଦୃଢ଼ ଓ ପ୍ରଭାବଶାଳୀ ପଦକ୍ଷେପ ନେବାକୁ ମଧ୍ୟ କୁହାଯାଇଛି। ଜାତୀୟ ରାଜଧାନୀ ଅଞ୍ଚଳରେ ମହିଳା ଓ ନାବାଳିକାଙ୍କ ସହ ଘଟୁଥିବା ଅନେକ ଅପରାଧିକ ଘଟଣା ପରେ ସୁପ୍ରିମକୋର୍ଟ ଏହି ମାମଲାରେ ହସ୍ତକ୍ଷେପ କରିଛନ୍ତି । ସେପ୍ଟେମ୍ବର ୨୮ରେ କୋର୍ଟ କାଲକାଜି ନିକଟସ୍ଥ ଆସ୍ଥା କୁଞ୍ଜ ପାର୍କରେ ୧୭ ବର୍ଷୀୟା ନାବାଳିକାଙ୍କ ସହ ଗଣଦୁଷ୍କର୍ମ, ସ୍ୱରୂପ ନଗରରେ ଜଣେ ନାବାଳିକାଙ୍କ ସହ ଗଣଦୁଷ୍କର୍ମ ଏବଂ ଗ୍ରେଟର ନୋଏଡାରୁ ଦିଲ୍ଲୀ ଆସୁଥିବା ବସ୍‌ରେ ୧୬ ବର୍ଷୀୟା ଝିଅଙ୍କ ସହ ଯୌନ ନିର୍ଯାତନା ଭଳି ଘଟଣାକୁ ନେଇ ସ୍ୱତଃପ୍ରବୃତ୍ତ ତଦନ୍ତ ଆରମ୍ଭ କରିଥିଲେ । କୋର୍ଟ କହିଛନ୍ତି ଯେ ପାର୍କ, ରାସ୍ତା ଓ ବସ୍ ଭଳି ସାର୍ବଜନୀନ ସ୍ଥାନଗୁଡ଼ିକୁ ମହିଳାଙ୍କ ପାଇଁ ବିପଦପୂର୍ଣ୍ଣ ସ୍ଥାନ ହେବାକୁ ଦିଆଯାଇପାରିବ ନାହିଁ । ୨୦୧୨ର ନିର୍ଭୟା ଘଟଣା ପରେ ଦେଶ କ'ଣ ଶିକ୍ଷା ନେଇଛି, ତାହା ନେଇ ମଧ୍ୟ କୋର୍ଟ ପ୍ରଶ୍ନ ଉଠାଇଛନ୍ତି । ସମ୍ବିଧାନର ଧାରା ୨୧ ଅନୁଯାୟୀ ସମ୍ମାନ ଓ ହିଂସାମୁକ୍ତ ଜୀବନ ବଞ୍ଚିବାର ଅଧିକାର ସହ ସାଧାରଣ ନାଗରିକଙ୍କ ସୁରକ୍ଷା ମଧ୍ୟ ଜଡ଼ିତ ବୋଲି କୋର୍ଟ ଗୁରୁତ୍ୱାରୋପ କରିଛନ୍ତି । ସେପ୍ଟେମ୍ବର ୨୧ରେ ଆସ୍ଥା କୁଞ୍ଜ ପାର୍କରେ ୧୭ ବର୍ଷୀୟା ନାବାଳିକାଙ୍କ ସହ ଗଣଦୁଷ୍କର୍ମ ଘଟଣା ପରେ ଦିଲ୍ଲୀରେ ବ୍ୟାପକ ପ୍ରତିବାଦ ହୋଇଥିଲା। ଏହାପରେ ଦିଲ୍ଲୀର ପାର୍କଗୁଡ଼ିକର ସୁରକ୍ଷା ବ୍ୟବସ୍ଥାକୁ ନେଇ ଅଡିଟ୍ କରାଯାଇଥିଲା। ଅଡିଟ୍‌ରେ ଚିନ୍ତାଜନକ ତଥ୍ୟ ସାମ୍ନାକୁ ଆସିଥିଲା। ଦିଲ୍ଲୀ ଡେଭଲପମେଣ୍ଟ ଅଥରିଟି ପରିଚାଳିତ ୭୩୬ଟି ପାର୍କ ମଧ୍ୟରୁ ମାତ୍ର ୧୬ଟି ପାର୍କରେ ସିସିଟିଭି କ୍ୟାମେରା ଥିବା ଜଣାପଡ଼ିଥିଲା । ଅଡିଟ୍ ଅନୁଯାୟୀ, ପ୍ରାୟ ୧୯୦ଟି ପାର୍କକୁ ଅଧିକ ବିପଦପୂର୍ଣ୍ଣ ଭାବେ ଚିହ୍ନଟ କରାଯାଇଥିଲା । ୫୨୦ଟି ପାର୍କରେ ଅତିରିକ୍ତ ଆଲୋକ ବ୍ୟବସ୍ଥା ଏବଂ ୩୨୩ଟି ପାର୍କରେ ଅଧିକ ସିସିଟିଭି କ୍ୟାମେରାର ଆବଶ୍ୟକତା ଥିବା ଜଣାପଡ଼ିଥିଲା। ଏହାଛଡ଼ା ଅନେକ ପାର୍କରେ ସୀମା ସୁରକ୍ଷା, ଗେଟ୍, ଶୌଚାଳୟ ଏବଂ ପରିତ୍ୟକ୍ତ ନିର୍ମାଣକୁ ନେଇ ମଧ୍ୟ ସମସ୍ୟା ରହିଥିବା ଅଡିଟ୍‌ରେ ଚିହ୍ନଟ ହୋଇଛି। ଆସ୍ଥା କୁଞ୍ଜ ପାର୍କରେ ୩୦ରୁ ଅଧିକ ସ୍ଥାନକୁ ସିସିଟିଭି ସ୍ଥାପନ ପାଇଁ ଚିହ୍ନଟ କରାଯାଇଛି । ପାର୍କରେ ଅନେକ ଏକାନ୍ତ ଓ ଜଙ୍ଗଲିଆ ସ୍ଥାନ ଥିବାରୁ ସେଗୁଡ଼ିକ ଉପରେ ନଜର ରଖିବା କଷ୍ଟକର ବୋଲି ଅଧିକାରୀମାନେ କହିଛନ୍ତି । ମହିଳାଙ୍କ ସୁରକ୍ଷା ନେଇ ବ୍ୟବସ୍ଥାଗତ ଅବହେଳାକୁ ଗୁରୁତ୍ୱର ସହ ନେଇ ସୁପ୍ରିମକୋର୍ଟ କହିଛନ୍ତି ଯେ ଦିଲ୍ଲୀ ସରକାର ଓ ପୁଲିସ ଜନସାଧାରଣଙ୍କ ସୁରକ୍ଷା ସୁନିଶ୍ଚିତ କରିବାରେ ବ୍ୟବସ୍ଥାଗତ ଭାବେ ବିଫଳ ହୋଇଛନ୍ତି । ରାଜଧାନୀରେ ମହିଳାମାନେ ଦିନ ହେଉ କି ରାତି, ଭୟମୁକ୍ତ ଭାବେ ଯାତାୟାତ କରିପାରିବା ଭଳି ପରିବେଶ ସୃଷ୍ଟି କରିବା ଏବେ ପୁଲିସ ଓ ପ୍ରଶାସନ ପାଇଁ ବଡ଼ ଦାୟିତ୍ୱ ହୋଇଛି। ନୂଆଦିଲ୍ଲୀରେ ମହିଳା ଏବଂ ନାବାଳିକାଙ୍କ ଉପରେ ବଢୁଥିବା ଅପରାଧକୁ ନେଇ କଡ଼ା ଚେତାବନୀ ଦେଇଛନ୍ତି ସୁପ୍ରିମକୋର୍ଟ। ଦିଲ୍ଲୀ-ଏନସିଆର ଅଞ୍ଚଳରେ ଘଟିଥିବା ସାମ୍ପ୍ରତିକ ଦୁଷ୍କର୍ମ ଘଟଣାକୁ ନେଇ ସୁପ୍ରିମକୋର୍ଟ କେନ୍ଦ୍ର ସରକାର ଏବଂ ଦିଲ୍ଲୀ ପୋଲିସକୁ କଡ଼ା ଭାଷାରେ ତାଗିଦ୍ କରିଛନ୍ତି । ସୁପ୍ରିମକୋର୍ଟଙ୍କ ଏହି କଡ଼ା ତାଗିଦ୍ ପରେ ଏବେ ଦିଲ୍ଲୀ ପୋଲିସ ଏବଂ ପ୍ରଶାସନ ଉପରେ ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରିବା ପାଇଁ ବଡ଼ ଚାପ ସୃଷ୍ଟି ହୋଇଛି। କୋର୍ଟ ସ୍ପଷ୍ଟ ଭାବେ କହିଛନ୍ତି ଯେ, ରାତି ୧୦ଟା ସମୟରେ ମଧ୍ୟ ଦିଲ୍ଲୀର ପ୍ରତିଜଣେ ମହିଳାଙ୍କ ସୁରକ୍ଷା ନିଶ୍ଚିତ କରାଯିବା ଆବଶ୍ୟକ, ଦିଲ୍ଲୀରେ ମହିଳାଙ୍କ ସୁରକ୍ଷା ସ୍ଥିତିକୁ ନେଇ ସୁପ୍ରିମକୋର୍ଟଙ୍କ ଉଦବେଗ ପ୍ରକାଶ କରିଛନ୍ତି। ବିଚାରପତି ଜଷ୍ଟିସ ପାର୍ଦିୱାଲାଙ୍କ ନେତୃତ୍ୱରେ ଗଠିତ ଖଣ୍ଡପୀଠର ରାୟ ମହିଳା ସୁରକ୍ଷିତ ନାହାଁନ୍ତି, ସାଧାରଣରେ ଏକ ଭାବନା ସୃଷ୍ଟି ହେଉଛି, ସମ୍ବେଦନଶୀଳ ସ୍ଥାନରେ ମହିଳାମାନେ ସୁରକ୍ଷିତ ନାହାଁନ୍ତି, କେନ୍ଦ୍ର ସରକାର ଏବଂ ଦିଲ୍ଲୀ ପୋଲିସକୁ କୋର୍ଟଙ୍କ ନିର୍ଦ୍ଦେଶ ନିଶ୍ଚିତ କରିବାକୁ ପଡ଼ିବ ଯେ, ଦିଲ୍ଲୀର ପ୍ରତ୍ୟେକ ମହିଳା ସୁରକ୍ଷିତ ଅନୁଭବ କରିବେ, ପ୍ରଶାସନର କୌଣସି ବି ଭୁଲ୍ ବା ତ୍ରୁଟି ଯେପରି ଅପରାଧ ଘଟାଇବା ପାଇଁ ସୁଯୋଗ ସୃଷ୍ଟି ନ କରେ, ଅପରାଧକୁ ରୋକିବା ଉପରେ ଅଧିକ ଗୁରୁତ୍ୱ ଦେବାକୁ ପଡ଼ିବ।

## କିସ୍‌ରେ ରାଜଭାଷା ହିନ୍ଦୀ ଉତ୍ସବ-୨୦୨୬



**ଭୁବନେଶ୍ୱର, ୬/୧୦ ନ୍ୟୁଜ ବ୍ୟୁରୋ**
ମୁକ୍ତ ବିଦ୍ୟାଳୟ ଶିକ୍ଷାସଂସ୍ଥାନ ଭୁବନେଶ୍ୱର ଶାଖା ଆନୁକୂଲ୍ୟରେ ରାଜଭାଷା ହିନ୍ଦୀର ପ୍ରଚାର ପ୍ରସାର ତଥା ବିଦ୍ୟାର୍ଥୀମାନଙ୍କର ହିନ୍ଦୀ ପ୍ରତି ରୁଚି ବୃଦ୍ଧି କରିବାର ଲକ୍ଷ୍ୟନେଇ 'କିସ୍' ବିଦ୍ୟାର୍ଥୀଗଣଙ୍କ ମଧ୍ୟରେ 'ରାଜଭାଷା ହିନ୍ଦୀ ଉତ୍ସବ ୨୦୨୬' ଆଧାରିତ ପ୍ରତିଯୋଗିତା କିସ୍ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ମୁକ୍ତ ବିଦ୍ୟାଳୟ ଶିକ୍ଷା ସଂସ୍ଥାନ ଭୁବନେଶ୍ୱରର ଆଞ୍ଚଳିକ ନିର୍ଦ୍ଦେଶକ ସୁରଜିତ୍ କୁମାର ଓ ରମେଶ କୁମାର, ଆଦିତ୍ୟ ଭୋଇ, ପରେଶଚନ୍ଦ୍ର ପଣ୍ଡା, ସମ୍ବିତ ମିଶ୍ର, ସନ୍ଦିପ୍ କୁମାର, ରାଜେଶ କୁମାର, ଦେବରାଜ ବରାଳ ପ୍ରମୁଖ ଅଧିକାରୀଗଣ ତଥା କିସ୍ ଶୈକ୍ଷିକ ଓ ପ୍ରଶାସନ ଉପ-ନିର୍ଦ୍ଦେଶକ ସୁଶାନ୍ତ କୁମାର ସ୍ୱାଇଁ, ପ୍ରଧାନ ଶିକ୍ଷୟିତ୍ରୀ ନୟନବାଳା ରାୟ, ସହ ପ୍ରଧାନ-ଶିକ୍ଷୟିତ୍ରୀ ପ୍ରମିଳାବାଳା ରାୟ, ସହ ଶିକ୍ଷୟିତ୍ରୀ ରୂପା ଗୁପ୍ତା, ସୁଚରିତା ମହାନ୍ତି, ରମେନ୍ଦ୍ର କୁମାର ଚମ୍ପତି, ଜ୍ୟୋତିରଞ୍ଜନ ରାଉତ ପ୍ରମୁଖ ଉପସ୍ଥିତ ରହି ଛାତ୍ରୀଗଣଙ୍କୁ ପ୍ରୋତ୍ସାହିତ କରିବା ସହ ପୁରସ୍କାର ପ୍ରଦାନ କରିଥିଲେ। ଅଂଶଗ୍ରହଣ କରିଥିବା ୪୦ଜଣ ଛାତ୍ରୀମାନଙ୍କ ମଧ୍ୟରୁ କୁମାରୀ ଜ୍ୟୋତି ବିରୁଆ ପ୍ରଥମ ସ୍ଥାନ, ଦ୍ୱିତୀୟ ସ୍ଥାନ ସୁସ୍ମିତା ବାଗେ, ଡ଼ିମ୍ପଲ ଗଣ୍ଡ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ।

### ରାଜସ୍ୱ ମନ୍ତ୍ରୀ ଏବଂ ଓସଡମାର ବରିଷ୍ଠ ଅଧିକାରୀବୃନ୍ଦଙ୍କ ଗୁଜରାଟ ଗସ୍ତ

## ବିପର୍ଯ୍ୟୟ ପରିଚାଳନାରେ ସୁଦୃଢ଼ ହେବ ଓଡ଼ିଶା-ଗୁଜରାଟ ସହଯୋଗ

**ଭୁବନେଶ୍ୱର, ୦୬/୧୦ ନ୍ୟୁଜ ବ୍ୟୁରୋ**
ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଅଭିଜ୍ଞତା ଏବଂ ଜ୍ଞାନ ବିନିମୟ ସହ ପରସ୍ପର ସହଯୋଗକୁ ଆହୁରି ସୁଦୃଢ଼ କରିବା ଲକ୍ଷ୍ୟରେ ଓଡ଼ିଶାର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କ ନେତୃତ୍ୱରେ ରାଜ୍ୟର ଏକ ଉଚ୍ଚସ୍ତରୀୟ ପ୍ରତିନିଧିମଣ୍ଡଳୀ ତଥା ବିଭାଗୀୟ ବରିଷ୍ଠ ଅଧିକାରୀବୃନ୍ଦ ଗୁଜରାଟ ଗସ୍ତ କରିଛନ୍ତି। ଗସ୍ତ ସମୟରେ ମନ୍ତ୍ରୀଙ୍କ ସହ ସ୍ପେଶାଲ୍ ରିଲିଫ କମିଶନର ତଥା ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ(ଓସଡମା)ଙ୍କର ପରିଚାଳନା ନିର୍ଦ୍ଦେଶକ ରାଜେଶ ପ୍ରଭାକର ପାଟିଲ୍ ଏବଂ ଓସଡମା)ର ବରିଷ୍ଠ ଅଧିକାରୀବୃନ୍ଦ ଗାନ୍ଧୀନଗରସ୍ଥିତ ଗୁଜରାଟ ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଓ ଜିଆଇଡିଏମ୍ ପରିଦର୍ଶନ କରିବା ସହ ଭୁଜସ୍ଥିତ ସ୍ମୃତିବନ ଭୂମିକମ୍ପ ସ୍ମାରକୀ ଏବଂ ସଂଗ୍ରହାଳୟ ପରିଦର୍ଶନ କରି ବିପର୍ଯ୍ୟୟ ପରିଚାଳନାର ବିଭିନ୍ନ ପ୍ରାସଙ୍ଗିକ ଦିଗ ସମ୍ପର୍କରେ ଅନୁଭୂତି ଓ ଜ୍ଞାନ ଆହରଣ କରିଥିଲେ। ଏହି ଅବସରରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ମନ୍ତ୍ରୀ ସୁରେଶ ପୂଜାରୀ ଗୁଜରାଟର ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ରଭାଇ ପଟେଲଙ୍କୁ ସାକ୍ଷାତ କରି ଉଭୟ ରାଜ୍ୟର ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଗ୍ରହଣ କରାଯାଉଥିବା ପଦକ୍ଷେପ ସମ୍ପର୍କରେ ମତ ବିନିମୟ କରିଥିଲେ। ଏହାସହ ଗୁଜରାଟର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ରାଷ୍ଟ୍ରମନ୍ତ୍ରୀ ସଞ୍ଜୟସିଂହ ବିଜୟସିଂହ ମହିଦା, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡଃ ଜୟନ୍ତୀ ଏସ୍. ରବି, ରିଲିଫ୍ କମିଶନର ଗୌରାଙ୍ଗ ଏଚ୍. ମକୱାଣା, ଜିଏସଡିଏମଏର ସିଇଓ ତଥା ଜିଆଇଡିଏମ୍‌ର ଡିଜି ଡଃ ଧବଳ ପଟେଲଙ୍କ ସମେତ ବିଭାଗ ଓ ବିପର୍ଯ୍ୟୟ ପରିଚାଳନା ସଂସ୍ଥାଗୁଡ଼ିକର ବରିଷ୍ଠ ଅଧିକାରୀଙ୍କ ସହ ମଧ୍ୟ ଆଲୋଚନା କରାଯାଇଥିଲା। ଆଲୋଚନାରେ ବିପର୍ଯ୍ୟୟ ପ୍ରସ୍ତୁତି, ପ୍ରଶିକ୍ଷଣ, କ୍ଷମତା ବିକାଶ, ପ୍ରଯୁକ୍ତିର ବ୍ୟବହାର, ମକ୍ ଡ୍ରିଲ୍, ଜନସଚେତନତା ଏବଂ ବିପର୍ଯ୍ୟୟ ପରବର୍ତ୍ତୀ ପୁନର୍ବାସ ଓ ପୁନର୍ନିର୍ମାଣ ଆଦି କ୍ଷେତ୍ରରେ ଉଭୟ ରାଜ୍ୟର ଅଭିଜ୍ଞତା ଏବଂ ଜ୍ଞାନ ବିନିମୟ ହୋଇଥିଲା।

### ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ

ତାରିଖ :-୦୬/୧୦/୨୦୨୬
5,45,462/- ଟଙ୍କା
ସୁନା:- ୦୫ ଗ୍ରାମ୍ ୨୦୦ ମିଲିଗ୍ରାମ୍
ରୂପା:- ୧୧୩ଗ୍ରାମ୍୦୦୦ ମିଲିଗ୍ରାମ୍

## ପୂର୍ବତନ ଆୟୁଷ ନିର୍ଦ୍ଦେଶକଙ୍କ ବାଧ୍ୟତାମୂଳକ ଅବସର ନିର୍ଦ୍ଦେଶକୁ ରଦ୍ଦ କଲେ ହାଇକୋର୍ଟ



**କଟକ, ୬/୧୦ ନ୍ୟୁଜ ବ୍ୟୁରୋ**
ପୂର୍ବତନ ଆୟୁଷ ନିର୍ଦ୍ଦେଶକ ତଥା ବରିଷ୍ଠ ଓଏଏସ (ଓଡ଼ିଶା ପ୍ରଶାସନିକ ସେବା) ଅଧିକାରୀ ବିଭୁ ପ୍ରସାଦ ଷଡ଼ଙ୍ଗୀଙ୍କୁ ବାଧ୍ୟତାମୂଳକ ଅବସର ଦେଇ ରାଜ୍ୟ ସରକାର ୨୦୨୦, ଅଗଷ୍ଟ ୧୩ରେ ପ୍ରଦାନ କରିଥିବା ନିର୍ଦ୍ଦେଶକୁ ହାଇକୋର୍ଟ ରଦ୍ଦ କରିଛନ୍ତି। ଅବସର ବୟସ ପୂରଣ କରିବା ପର୍ଯ୍ୟନ୍ତ ଅର୍ଥାତ ୨୦୨୧, ଜାନୁଆରୀ ୩୧ ଯାଏ ଶ୍ରୀ ଷଡ଼ଙ୍ଗୀ ଚାକିରିରେ କାର୍ଯ୍ୟରତ ଥିଲେ ବୋଲି ଗ୍ରହଣ କରି ତାଙ୍କ ଚାକିରି ନିୟମିତ କରାଯିବ ଓ ଚାରି ମାସ ଭିତରେ ସମସ୍ତ ଅବସରକାଳୀନ ପ୍ରାପ୍ୟ ପ୍ରଦାନ କରାଯିବ। ଜଷ୍ଟିସ ବିରଜା ପ୍ରସନ୍ନ ଶତପଥୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଶ୍ରୀ ଷଡ଼ଙ୍ଗୀଙ୍କ ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ଦେଇଛନ୍ତି। ପ୍ରକାଶିତ ରାୟରେ ଉଲ୍ଲେଖ କରାଯାଇଛି ଯେ ସାଧାରଣ ପ୍ରଶାସନ ବିଭାଗ ତରଫରୁ ୨୦୧୯, ସେପ୍ଟେମ୍ବର ୨୪ର ମାର୍ଗଦର୍ଶିକା ଉଲ୍ଲଂଘନ କରି ଶ୍ରୀ ଷଡ଼ଙ୍ଗୀଙ୍କୁ ବାଧ୍ୟତାମୂଳକ ଅବସର ପ୍ରଦାନ କରାଯାଇଥିଲା। ବାଧ୍ୟତାମୂଳକ ଅବସର ପ୍ରଦାନ ବେଳେ ଭୁବନେଶ୍ୱର ମହିଳା ଥାନାରେ ଏକ ମାମଲାକୁ ଛାଡ଼ି ଶ୍ରୀ ଷଡ଼ଙ୍ଗୀଙ୍କ ବିରୋଧରେ ଅନ୍ୟ କୌଣସି ଫୌଜଦାରୀ ବା ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପ୍ରକ୍ରିୟା ବିଚାରାଧୀନ ନଥିଲା। ମହିଳା ଥାନା ମାମଲାରେ ତାଙ୍କ ବିରୋଧରେ ଚାର୍ଜସିଟ ମଧ୍ୟ ଦାଖଲ ହୋଇ ନଥିଲା। ଆବେଦନକାରୀଙ୍କୁ ସମୟ ପୂର୍ବରୁ ଅବସର ଦେବା ପାଇଁ ତାଙ୍କ ବିରୁଦ୍ଧରେ ଅନ୍ୟ କୌଣସି ପ୍ରମାଣ ବା ତଥ୍ୟ ଉପଲବ୍ଧ ନଥିଲା। ଏଭଳି ସ୍ଥିତିରେ ବାଧ୍ୟତାମୂଳକ ଅବସର ନିର୍ଦ୍ଦେଶ ଆଇନ ଅନୁସାରେ ଗ୍ରହଣୀୟ ନୁହେଁ ବୋଲି ହାଇକୋର୍ଟ କହିଛନ୍ତି। ମାମଲାର ବିବରଣୀରୁ ପ୍ରକାଶ ଯେ ୨୦୨୦ରେ ଆୟୁଷ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଥିବା ବେଳେ କାର୍ଯ୍ୟାଳୟର ଜଣେ ମହିଳା କର୍ମଚାରୀଙ୍କ ଅଭିଯୋଗ ଆଧାରରେ ତାଙ୍କ ବିରୋଧରେ ଭୁବନେଶ୍ୱର ମହିଳା ଥାନା ପୁଲିସ ମାମଲା ରୁଜୁ କରିଥିଲା। ଏହି ମାମଲାରେ ଗିରଫ ପରେ ଶ୍ରୀ ଷଡ଼ଙ୍ଗୀ ଜାମିନରେ ଛାଡ଼ ପାଇଥିଲେ। ତାଙ୍କୁ ରାଜ୍ୟ ସରକାର ୨୦୨୦, ଅଗଷ୍ଟ ୨୧ରେ ଚାକିରିରୁ ନିଲମ୍ବିତ କରିଥିଲେ। ଅବସର ଗ୍ରହଣ କରିବାକୁ ମାତ୍ର ଚାରି ମାସ ବାକି ଥିବା ବେଳେ ଅନ୍ତରୀଣ କମିଟି ରିପୋର୍ଟ ଆଧାରେ ଶ୍ରୀ ଷଡ଼ଙ୍ଗୀଙ୍କୁ ସରକାର ୨୦୨୦, ଅଗଷ୍ଟ ୧୩ରେ ବାଧ୍ୟତାମୂଳକ ଅବସର ପ୍ରଦାନ କରିଥିଲେ। ଆଇନ ଉଲ୍ଲଂଘନ କରି ତଥା ୨୦୧୯ର ମାର୍ଗଦର୍ଶିକା ପାଳନ ନ କରି ତାଙ୍କୁ ସମୟ ପୂର୍ବରୁ ଅବସର ଦିଆଯାଇଥିବାରୁ ଏହା ଗ୍ରହଣୀୟ ନୁହେଁ ଦର୍ଶାଇ ଶ୍ରୀ ଷଡ଼ଙ୍ଗୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ୧୯୮୭ରେ ଓଏଏସ ଅଧିକାରୀ ଭାବେ ଯୋଗ ଦେଇଥିବା ଶ୍ରୀ ଷଡ଼ଙ୍ଗୀ ବିଭିନ୍ନ ସମୟରେ ପଦୋନ୍ନତି ପାଇଥିଲେ। ୨୦୧୪ରେ ଆଇଏଏସକୁ ପଦୋନ୍ନତି ପାଇଁ ତାଙ୍କ ନାମ ସୁପାରିସ ମଧ୍ୟ କରାଯାଇଥିଲା। ୨୦୧୭ରେ ଓଏଏସ ସ୍ୱତନ୍ତ୍ର ସଚିବ କ୍ୟାଡରକୁ ତାଙ୍କର ପଦୋନ୍ନତି ହୋଇଥିଲା। ୨୦୨୦ରେ ଆୟୁଷ ନିର୍ଦ୍ଦେଶକ ଭାବେ କାର୍ଯ୍ୟରତ ଥିବା ବେଳେ ତାଙ୍କୁ ବାଧ୍ୟତାମୂଳକ ଅବସର ପ୍ରଦାନ କରାଯାଇଥିଲା। ଦୀର୍ଘବର୍ଷର କାର୍ଯ୍ୟକାଳ ଭିତରେ ତାଙ୍କ ବିରୋଧରେ କୌଣସି ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ବା ଫୌଜଦାରୀ ମାମଲା ନଥିବା ବେଳେ ୨୦୨୦ରେ ଏକ ଫୌଜଦାରୀ ମାମଲା ପରେ ଆଇନରେ ଥିବା ପ୍ରକ୍ରିୟା ଅନୁସରଣ ନ କରି ତାଙ୍କୁ ଚାକିରିରୁ ବାଧ୍ୟତାମୂଳକ ଅବସର ପ୍ରଦାନ କରାଯାଇଥିଲା ।





### ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com


## ବିଶିଷ୍ଟ ସମାଜସେବୀ ରାମଚନ୍ଦ୍ର ପାଲିତଙ୍କ ପରଲୋକ





**ଭୁବନେଶ୍ୱର, ୬/୧୦ ନ୍ୟୁଜ ବ୍ୟୁରୋ**
ସ୍ଥାନୀୟ ବୁଦ୍ଧେଶ୍ୱରୀ କଲୋନୀର ବିଶିଷ୍ଟ ସମାଜସେବୀ ତଥା ଅବସରପ୍ରାପ୍ତ ଅତିରିକ୍ତ ଶାସନ ସଚିବ (ସିନିୟର ପ୍ରାଇଭେଟ ସେକ୍ରେଟାରୀ) ରାମଚନ୍ଦ୍ର ପାଲିତଙ୍କ ଗତ ୪ ତାରିଖ ଦିନ ପୁନେ ଠାରେ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୭୪ ବର୍ଷ ବୟସ ହୋଇଥିଲା। ସେ ଏବଂ ତାଙ୍କ ପତ୍ନୀ ରୀନା ପାଲିତ ପୁନେଠାରେ ଥିବା ତାଙ୍କ ପୁତ୍ର ଓ ପୁତ୍ରବଧୂଙ୍କ ନିକଟକୁ ଯାଇଥିବା ବେଳେ ଏହି ଦୁଃଖଦାୟକ ଘଟଣାଟି ଘଟିଥିଲା। ସ୍ୱର୍ଗତ ପାଲିତ ବିଶିଷ୍ଟ ଅନୁବାଦିକା ତଥା 'କଥା କଳିକା' ଓ 'ଉତ୍କଳ ଦୀପିକା'ର ମୁଖ୍ୟ ସଂପାଦିକା ଶ୍ରୀମତୀ ସୁପ୍ରଭା ରାୟଙ୍କ ପୁତୁରା ଅଟନ୍ତି ଏବଂ ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ତଥା ପ୍ରଖ୍ୟାତ ଗାୟକ ଲକ୍ଷ୍ମୀକାନ୍ତ ପାଲିତଙ୍କ ସେ ବଡ ଭାଇ ଅଟନ୍ତି।
୬ ତାରିଖ ସକାଳେ ତାଙ୍କ ମରଶରୀର ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବା ପରେ ସ୍ୱର୍ଗତ ପାଲିତଙ୍କ ସାନଭାଇ ଲକ୍ଷ୍ମୀକାନ୍ତ ପାଲିତ ସେଠାରୁ ସିଧାସଳଖ ବୁଦ୍ଧେଶ୍ୱରୀ ସ୍ଥିତ ତାଙ୍କ ବାସଭବନକୁ ଆଣିଥିଲେ। ସେଠାରୁ ସ୍ଥାନୀୟ ସତ୍ୟନଗର ଶ୍ମଶାନକୁ ନିଆଯାଇ ଶେଷକୃତ୍ୟ ସମାପନ କରାଯାଇଥିଲା। ତାଙ୍କର ଦୁଇପୁତ୍ର ସୁଦୀପ ଓ ସନ୍ଦୀପ ମୁଖାଗ୍ନି ଦେବା ସହିତ ଅନ୍ୟାନ୍ୟ କର୍ମାଦି ସମାପନ କରିଥିଲେ। ସତ୍ୟନଗର ଶ୍ମଶାନଠାରେ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ ଓ ବୁଦ୍ଧେଶ୍ୱରୀ ବାସଭବନରେ ସମଗ୍ର ଭୁବନେଶ୍ୱରର ବିଭିନ୍ନ ଅଞ୍ଚଳର ବିଶିଷ୍ଟ ବ୍ୟକ୍ତିମାନେ ଉପସ୍ଥିତ ରହି ମରଶରୀର ଉପରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ।
ଏହି ସମୟରେ ତାଙ୍କ ନିକଟରେ ପୁତ୍ରବଧୂ ଝରଣା, ଦୁଇ ପୁତୁରା ରଣଦୀପ, ବନ୍ଦୀସ, ସାନ ଭାଇ ବୋହୂ ବିଦ୍ୟୁତପ୍ରଭା ପାଲିତ ଏବଂ ଅନ୍ୟାନ୍ୟ ସଂପର୍କୀୟମାନେ ଉପସ୍ଥିତ ଥିଲେ।

## ମନି ଡାକ ସବୁଦିନ ପାଇଁ ଲିଭିଗଲା

### ସୁପ୍ରଭା ରାୟଙ୍କ ଶୋକ :-

ମୋ ପାଞ୍ଚପୁଅ ଭିତରୁ ଭଗବାନ ଜଣଙ୍କୁ ନେଇ ଯାଇଥିଲେ। ଆଜି ଆଉ ଜଣଙ୍କୁ ନେଇଗଲେ। ସେ ମୋର ପୁତୁରା ନଥିଲା ପୁଅ ଥିଲା। ମୋ ନାତୁଣୀକୁ ତା ସହିତ ମୁଁ ବିବାହ ଦେଇଥିଲି। ମୁଁ ଅଛି ସେ ଚାଲିଗଲା। ପରିଣତ ବୟସରେ କେତେ ଆଉ ଦୁଃଖ ଭଗବାନ ମୋତେ ଦେବେ ? ଆଖିରୁ ଲୁହ ସରିଗଲାଣି। କେତେ କୋହକୁ ଆଉ ଚାପିବି ? କେତେ ଦୁଃଖ ଛାତିରେ ନେବି ? ଭଗବାନ କାହିଁକି ମୋତେ ଏତେ କଷ୍ଟ ଦେଉଛନ୍ତି ମୁଁ ଜାଣେନା। କାଳିକା କଥା ପରି ଲାଗୁଛି। ତା ନାତିର (ପୁଅର ପୁଅ) ପ୍ରଥମ ବର୍ଷ ଜନ୍ମଦିନ ପାଳନ ଅବସରରେ ମୋତେ ଦେଖୁ ଦେଖୁ ମାଉସୀ କହି କୁଣ୍ଢାଇ ପକାଇଥିଲା। କହିଲା ମୋ ମା ପରେ ମାଉସୀ ତମେ ଅଛ। ଏହି ସାହସ ଆମର ଅଛି। ସାହସ ତ ମୁଁ ଅଛି ହେଲେ ସେ ଆଉ ଆମ ଗହଣରେ ନାହିଁ। ରୀନାକୁ କ'ଣ ଆଉ ସାନ୍ତ୍ୱନା ଦେବି ? ମୋ ପାଖରେ ଆଉ ଭାଷା ନାହିଁ। ଭଗବାନ ସମସ୍ତଙ୍କୁ ଭଲରେ ରଖିଥାନ୍ତୁ। ସମସ୍ତେ ସୁସ୍ଥ ରହିଥାନ୍ତୁ। ଜଗନ୍ନାଥ ମହାପ୍ରଭୁଙ୍କ ନିକଟରେ ଏତିକି ମୋର ପ୍ରାର୍ଥନା। ଏ ପରିଣତ ବୟସରେ ମୁଁ ଆଉ ଅବା କ'ଣ କରିପାରିବି ?

## ସମ୍ବାଦ କଳିକା ସମ୍ପାଦକଙ୍କ ଶୋକ

ସମ୍ବାଦ କଳିକା' ସମ୍ପାଦକ ଜୟାଶୀଷ ରାୟ ଗଭୀର ଶୋକ ବ୍ୟକ୍ତ କରି କହିଛନ୍ତି ଯେ, ୫୦ ବର୍ଷ ଧରି ଆମେ ୫ ଭାଇ ଏକାଠି ରହୁଥିଲୁ। ୫୦ ବର୍ଷ ଧରି ସ୍ନେହ, ଶ୍ରଦ୍ଧା, ପ୍ରତିବଦ୍ଧତା, ପାରସ୍ପରିକ ସହଯୋଗ ରହିଆସିଥିଲା ଆମ ଭିତରେ। କୌଣସି ଦିନ ଆମ ପରିବାର ମଧ୍ୟରେ ଶତ୍ରୁତା ନଥିଲା କି ଭଲପାଇବାର ଆବିଳତା ନଥିଲା। ମୋ ମାଉସୀ ବୁବୁ ମାଉସୀ ଓ ମଉସା ବିଜନ ମଉସା ପିଲାବେଳୁ ଆମକୁ ବହୁତ ଭଲ ପାଉଥିଲେ। ସେମାନେ ଧର୍ମନିଷ୍ଠ ଥିଲେ ଓ ସମସ୍ତଙ୍କୁ ଭଲ ପାଉଥିଲେ। ମୋ ମାଉସୀ-ମଉସାଙ୍କ ଭଲ ଗୁଣକୁ ମନିଦା ଓ ଚୁନିଦା ପାଳନ କରି ଆସିଛନ୍ତି। ମନୀଦା (ରାମଚନ୍ଦ୍ର) ବାସ୍ତବିକ ପ୍ରଭୁ ରାମଚନ୍ଦ୍ରଙ୍କ ସମସ୍ତ ଗୁଣ ତାଙ୍କ ପାଖରେ ରହିଥିଲା। ସେଇଭଳି ଚୁନିଦା (ଲକ୍ଷ୍ମୀକାନ୍ତ) ମଧ୍ୟ ସୁଷମା ସଂଗୀତ ସଦନ ଜରିଆରେ ମୋ ମାଉସୀଙ୍କ ସ୍ମୃତିକୁ ଆଜିପର୍ଯ୍ୟନ୍ତ ଓଡ଼ିଶାର ଜନସାଧାରଣଙ୍କ ନିକଟରେ ବଜାୟ ରଖି ଆସିଛନ୍ତି। ବୁଦ୍ଧେଶ୍ୱରୀ ଅଞ୍ଚଳର ସମସ୍ତ ଜନସାଧାରଣ ଆଜି ଯେଉଁଭଳି ଭାବରେ ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇଲେ ସେଥିରୁ ପାଲିତ ପରିବାର ପ୍ରତି ଜନ ସାଧାରଣଙ୍କ ଶ୍ରଦ୍ଧା ପରିଷ୍କାର ଭାବେ ଜଣା ପଡୁଥିଲା।





### ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com